ବର୍ଷ-୨୫, ସଂଖ୍ୟା-୧୪୫
ଭୁବନେଶ୍ୱର
୨୮, ମଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 145
Bhubaneswar
28,May, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଶେଷ ମ୍ୟାଚରେ ଗର୍ଜିଲା ପନ୍ତଙ୍କ ବ୍ୟାଟ୍



# ପଟେଲଙ୍କ ଯୁକ୍ତି ଶୁଣିଥିଲେ ଆଜି ଆତଙ୍କବାଦୀ ନ ଥାନ୍ତେ : ମୋଦୀ

**ନୂଆଦିଲ୍ଲୀ,୨୭।୫(ମହାଭାରତ):** କାଶ୍ମୀରରେ ଆତଙ୍କବାଦୀମାନଙ୍କୁ ୧୯୪୭ରେ ଦୃଢ଼ ଭାବେ ମୁକାବିଲା କରାଯିବା ଉଚିତ ଥିଲା, ଯେତେବେଳେ ବିଭାଜନ ପରେ ପ୍ରଥମ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ଏବଂ ଆଜି ଭାରତ ଯାହା ଅନୁଭବ କରୁଛି ତାହା ଦଶନ୍ଧି ଧରି ଦେଶକୁ ପୀଡ଼ିତ କରୁଥିବା ସେହି ଆତଙ୍କର ଏକ ବିକୃତ ରୂପ ବୋଲି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ଗସ୍ତର ଦ୍ୱିତୀୟ ଦିନରେ ଏକ ସମାବେଶକୁ ସମ୍ବୋଧିତ କରି କହିଛନ୍ତି। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଭାରତର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯୁକ୍ତି ଦେଇଥିଲେ ଯେ ୧୯୪୭ରେ ପାକିସ୍ତାନ ବିରୁଦ୍ଧରେ ସେନା ଅଭିଯାନ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ପୁନରୁଦ୍ଧାର ନକରି ଆଗେଇ ନଯିବା ଉଚିତ, କିନ୍ତୁ ତତ୍କାଳୀନ କଂଗ୍ରେସ ସରକାର ତାଙ୍କ ପରାମର୍ଶକୁ ଅଣଦେଖା କରିଥିଲେ।

୧୯୪୭ରେ, ଯେତେବେଳେ ଭାରତ ଭୂମି ଭାଗରେ ବିଭାଜିତ ହେଲା ସେହି ରାତିରେ, କାଶ୍ମୀର ମାଟିରେ ପ୍ରଥମ ଆତଙ୍କବାଦୀ ଆକ୍ରମଣ ହେଲା। ମାତୃଭୂମିର ଏକ ଅଂଶକୁ ପାକିସ୍ତାନ ମୁଜାହିଦ୍ଦୀନ ନାମରେ ଜୋର ଜବରଦସ୍ତ ଅଧିକାର କରିନେଲା। ସେହି ଦିନ, ସେହି ତଥାକଥିତ ମୁଜାହିଦ୍ଦୀନମାନଙ୍କୁ ମୃତ୍ୟୁର ଗର୍ଭରେ ଫୋପାଡ଼ି ଦିଆଯିବା ଉଚିତ ଥିଲା, ପ୍ରଧାନମନ୍ତ୍ରୀ କହିଛନ୍ତି। ଏବଂ ଏହା ସରଦାର ପଟେଲଙ୍କ ଇଚ୍ଛା ଥିଲା ଯେ ପିଓକେ ପୁନରୁଦ୍ଧାର ନହେବା ପର୍ଯ୍ୟନ୍ତ ସେନା ଅଟକି ନଯାଉ। କିନ୍ତୁ ସର୍ଦ୍ଦାର ସାହେବଙ୍କ କଥା ଅନୁସରଣ କରାଗଲା ନାହିଁ, ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି



ଜୋର ଦେଇ କହିଛନ୍ତି ଏହି ମୁଜାହିଦ୍ଦୀନମାନଙ୍କ ଦ୍ୱାରା ରକ୍ତପାତ ଗତ ୭୫ ବର୍ଷ ଧରି ଜାରି ରହିଛି। ପହଲଗାମରେ ଯାହା ହେଲା ତାହା ସେହି ଆତଙ୍କର ଏକ ବିକୃତ ରୂପ ମାତ୍ର। ଭାରତୀୟ ସେନା ପ୍ରତ୍ୟେକ ଥର ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ ବୁଝିଛି ଯେ ସେ ଭାରତଠାରୁ ଜିତି ପାରିବ ନାହିଁ।ପ୍ରଧାନମନ୍ତ୍ରୀ ଯୋଗ କରିଛନ୍ତି ଯେ ଭାରତ ବିରୁଦ୍ଧରେ ଆତଙ୍କବାଦୀ କାର୍ଯ୍ୟକଳାପ ଅ-ରାଷ୍ଟ୍ରୀୟ କର୍ତ୍ତାଙ୍କ ଦ୍ୱାରା ସଂଘଟିତ ଏକ ପ୍ରକ୍ସି ଯୁଦ୍ଧ ନୁହେଁ, ବରଂ ପାକିସ୍ତାନ ଦ୍ୱାରା ଏକ ଯୋଜନାବଦ୍ଧ ଯୁଦ୍ଧ। ଆତଙ୍କବାଦ ପ୍ରକ୍ସି ଯୁଦ୍ଧ ନୁହେଁ, ଏହା ତୁମର ଯୁଦ୍ଧ ରଣନୀତି। ତୁମେ ଆମ ବିରୁଦ୍ଧରେ ଯୁଦ୍ଧ କରୁଛ, ସେ ସୀମାପାର ଆତଙ୍କବାଦକୁ ଉଲ୍ଲେଖ କରି କହିଛନ୍ତି।

ଜନସାଧାରଣଙ୍କୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, 'ମୁଁ ଦୁଇ ଦିନ ହେଲା ଗୁଜରାଟରେ ଅଛି। ଗତକାଲି ଭଦୋଦରା, ଦାହୋଦ, ଭୁଜ, ଅହମ୍ମଦାବାଦ ଏବଂ ଆଜି ଗାନ୍ଧୀନଗର, ମୁଁ ଯେଉଁଠାକୁ ଯାଇଛି, ସେଠାରେ ଦେଶପ୍ରେମର ଏକ ଲହରୀ, ମାତୃଭୂମି ପ୍ରତି ଅପାର ପ୍ରେମର ଲହରୀ ପରି ଅନୁଭବ ହୋଇଛି, ଏବଂ ଏହା କେବଳ ଗୁଜରାଟରେ ନୁହେଁ ବରଂ ଭାରତର ପ୍ରତ୍ୟେକ କୋଣରେ ଅଛି। ଏହା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଅଛି। ଶରୀର ଯେତେ ସୁସ୍ଥ ହେଉନା କାହିଁକି, ଯଦି ଏକ କଣ୍ଟା ବିନ୍ଧେ, ତେବେ ସମଗ୍ର ଶରୀର କଷ୍ଟ ପାଏ। ଆମେ ନିଷ୍ପତ୍ତି ନେଇଛୁ ଯେ ଆମେ ସେହି କଣ୍ଟାକୁ ବାହାର କରିଦେବୁ।'

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ସର୍ଦ୍ଦାର ପଟେଲଙ୍କ ଇଚ୍ଛା ଥିଲା ଯେ ପିଓକେ ଫେରିବା ପର୍ଯ୍ୟନ୍ତ ସେନା ବନ୍ଦ ନ ହେଉ, କିନ୍ତୁ ସର୍ଦ୍ଦାର ସାହେବଙ୍କ କଥା ଶୁଣାଗଲା ନାହିଁ। ରକ୍ତ ଚାଖିଥିବା ଏହି ମୁଜାହିଦ୍ଦିନମାନଙ୍କ ପାଇଁ ଏହି କ୍ରମ ୭୫ ବର୍ଷ ଧରି ଚାଲିଛି। ଏହାର ବିକୃତ ରୂପ ପହଲଗାମରେ ମଧ୍ୟ ଦେଖାଯାଇଥିଲା। ଆମେ ୭୫ ବର୍ଷ ଧରି କଷ୍ଟ ଭୋଗିଛୁ ଏବଂ ଯେତେବେଳେ ବି ପାକିସ୍ତାନ ସହିତ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇଛି, ତିନିଥର ଭାରତର ସାମରିକ ଶକ୍ତି ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ ଅନୁଭବ କରିଛି ଯେ ସେ ଆମ ବିରୁଦ୍ଧରେ ଯୁଦ୍ଧ ଜିତିପାରିବ ନାହିଁ।' ପ୍ରଧାନମନ୍ତ୍ରୀ ମଙ୍ଗଳବାର ଗାନ୍ଧୀନଗରରେ ଏକ ରୋଡ ଶୋ' କରିଥିଲେ ଏବଂ ଏହି ସମୟରେ ବହୁ ସଂଖ୍ୟକ ଲୋକ ତାଙ୍କୁ ସ୍ୱାଗତ କରିବାକୁ ଆସିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୁଇ ଦିନିଆ ଗୁଜରାଟ ଗସ୍ତ ସମୟରେ ଏହା ତାଙ୍କର ଚତୁର୍ଥ ରୋଡ ଶୋ'। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂର ପରେ ଏହା ମୋଦିଙ୍କ ନିଜ ରାଜ୍ୟକୁ ପ୍ରଥମ ଗସ୍ତ।

# ସୃଷ୍ଟି ହେଲା ଲଘୁଚାପ

**ଭୁବନେଶ୍ୱର,୨୭।୫(ମହାଭାରତ):** ଓଡ଼ିଶା ଉପକୂଳରେ ଉତର-ପଶ୍ଚିମ ବଙ୍ଗୋପସାଗର ଉପରେ ମଙ୍ଗଳବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି ଯାହାକି ପରବର୍ତ୍ତୀ ସମୟରେ ଅବପାତରେ ପରିଣତ ହୋଇ ଉତର-ପୂର୍ବ ଦିଗରେ ଗତି କରିପାରେ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଂଟର ଫର ଏନ୍‌ଭାଇରନ୍‌ମେଂଟ ଆଣ୍ଡ କ୍ଲାଇମେଟ (ସିଇସି) ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବୃଷ୍ଟିପାତ ହୋଇପାରେ ଏବଂ ବିଶେଷ କରି ଉପକୂଳ ଅଂଚଳ ଏବଂ ଉତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ପ୍ରବଳତର ବୃଷ୍ଟିପାତ ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ସିଇସିର ବୁଲେଟିନ୍ ରେ କୁହାଯାଇଛି ।ବୁଲେଟିନ୍ ଅନୁଯାୟୀ ମେ ୨୮ ରୁ ୩୦ ମଧ୍ୟରେ ମୟୁରଭଞ୍ଜ, କେଉଁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ଢେଙ୍କାନାଳ, ଅନୁଗୁଳ, ସୁନ୍ଦରଗଡ଼, ଦେଓଗଡ଼, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାରେ ଅଧିକ ବୃଷ୍ଟିପାତ ହୋଇପାରେ । ଏହି ବୃଷ୍ଟିପାତ ବିଶେଷ କରି ବୈତରଣୀ, ସୁବର୍ଣ୍ଣରେଖା ଓ ବୁଢ଼ାବଲଙ୍ଗ ନଦୀର ଅବବାହିକା ଅଂଚଳରେ ଅନୁଭୂତ ହେବ ବୋଲି ବୁଲେଟିନ୍ ଜଣାଇବା ସହିତ ଏହା ଫଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ସୁଦ୍ଧା ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଗାମୀ ପାଞ୍ଚ ଦିନ ଯାଏଁ ଓଡ଼ିଶାରେ ଅନେକ ଜାଗାରେ ବର୍ଷା ଲାଗି ରହିବ। ତେଣୁ ଆଗାମୀ ତିନି ଦିନ ପ୍ରଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ଗଭୀର ସମୁଦ୍ର ଭିତରକୁ ନଯିବା ପାଇଁ ସେମାନଙ୍କୁ ବାରଣ କରାଯାଇଛି। ଏଥି ସହିତ ଆଗାମୀ ତିନିଦିନ ପାଇଁ ରାଜ୍ୟରେ ଅନେକ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଙ୍ଗ୍ ଜାରି କରାଯାଇଛି।

ବର୍ଷାକୁ ନଜରରେ ରଖି ସ୍ୱତନ୍ତ୍ର ରିଲିଫ୍ କମିସନର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ବର୍ଷା ପୂର୍ବରୁ ପ୍ରତିଷେଧକ ପଦକ୍ଷେପ ନେବାକୁ ଏଥିରେ ପରାମର୍ଶ ଦିଆଯାଇଛି। ଅରେଞ୍ଜ, ୟେଲୋ ୱର୍ଣ୍ଣିଂ ଥିଲେ ବେଶୀ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରଶାସନିକ ପ୍ରସ୍ତୁତିକୁ ଅଧିକ ଫୋକସ୍ କରିବା ସହ ପାଣିପାଗ ଉପରେ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଘଡ଼ଘଡ଼ି, ବିଜୁଳି ମାରିଲେ ଘରେ ରୁହନ୍ତୁ ଓ ବର୍ଷା ସମୟରେ ବାହାରକୁ ଯାଆନ୍ତୁ ନାହିଁ। ତତ୍‌ସହ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବାକୁ କୁହାଯାଇଛି। ବର୍ଷାଜନିତ କ୍ଷୟକ୍ଷତି ହେଲେ ତୁରନ୍ତ ଆକଳନ କରି ବଜ୍ରାଘାତଜନିତ କ୍ଷତିର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବଢ଼ିଲା ଅନ୍ତ୍ୟୋଦୟ ଗୃହ ଆବେଦନ ସମୟ

**ଭୁବନେଶ୍ୱର,୨୭।୫ (ମହାଭାରତ) :** ଆବାସ ଯୋଜନା ଆବେଦନର ଶେଷ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆବାସ ଯୋଜନା ପାଇଁ ୩୬ ଲକ୍ଷ ୮୧ ହଜାର ଦରଖାସ୍ତ ପହଞ୍ଚିଛି ବୋଲି ପଞ୍ଚାୟତି ରାଜମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ପଞ୍ଜିକରଣ କରିନାହାନ୍ତି, ତୁରନ୍ତ କରନ୍ତୁ। ମାସେ କି ଦୁଇ ମାସ ଭିତରେ ହିତାଧିକାରୀ ଚୟନ କରାଯିବ। ସବୁ ଯୋଜନାରୁ ଯେଉଁ ହିତାଧିକାରୀ ମାନେ ବାଦ୍ ପଡ଼ିଥିବେ ସେମାନଙ୍କୁ ଅନ୍ତୋଦୟ ଯୋଜନାରେ ଘର ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦ ହଜାର ଘର ଦିଆଯାଇଛି। ଏବେ ବି ତାଲିକା ପ୍ରସ୍ତୁତି ଚାଲିଛି। ମୌସୁମୀ ପରେ ଦ୍ୱିତୀୟ ପର୍ଯ୍ୟାୟ ଘର ବଣ୍ଟନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଭିନ୍ନକ୍ଷମ, ବିଧବା, ଦୂରାରୋଗରେ ପୀଡିତ ଥିବା ବ୍ୟକ୍ତି ଏବଂ ସହିଦ ପରିବାର ବ୍ୟକ୍ତି, ପଦ୍ମଶ୍ରୀ ପରିବାର ବ୍ୟକ୍ତି, ବନ୍ୟା ବାତ୍ୟା ଓ ଅଗ୍ନିକାଣ୍ଡ ଘଟି ଘରପୋଡି ଥିବା ବ୍ୟକ୍ତି ଏହି ଯୋଜନାରେ ସାମିଲ ହେବେ। ଏଥିପାଇଁ ଅନଲାଇନ ଆବେଦନ କରିପାରିବେ।





*ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡିଶା ନିବାସ ଏବଂ ନୂଆଦିଲ୍ଲୀର ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସେ କର୍ମଚାରୀ ଏବଂ ଅତିଥିମାନଙ୍କ ସହିତ ଆଲୋଚନା କରିଥିଲେ। ସେଠାରେ ଥିବା ସମସ୍ତ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ ଏବଂ କାର୍ଯ୍ୟାଳୟର ବେସମେଣ୍ଟ ନବୀକରଣ ପାଇଁ ପରାମର୍ଶ ଦେଇଥିଲେ। ସେହିପରି କ୍ୟାଣ୍ଟିନରେ ସେ ଦିଲ୍ଲୀ-ଏନସିଆରରେ ପ୍ରବାସୀ ଓଡ଼ିଆମାନଙ୍କୁ ସେବା ଯୋଗାଇବା ପାଇଁ ପ୍ରାମାଣିକ ଓଡ଼ିଆ ଖାଦ୍ୟର ପ୍ରଚାର କରିବାକୁ ଏବଂ ଅଣ-ଓଡ଼ିଆ ଅତିଥିମାନଙ୍କୁ ଓଡ଼ିଶାର ରୋଷେଇ ଐତିହ୍ୟକୁ ଅନୁଭବ କରିବା ପାଇଁ ଆକର୍ଷିତ କରିବାକୁ ଉତ୍ସାହିତ କରିଥିଲେ। ଏହାପୂର୍ବରୁ ସେ କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀ ଓ ରାଜନାଥ ସିଂହଙ୍କୁ ଭେଟିଥିଲେ।*

# ଜୁନ ୩ରେ କୋଟିଆ କମିଟି ବୈଠକ

**ଭୁବନେଶ୍ୱର, ୨୭।୫ (ମହାଭାରତ) :** କୋରାପୁଟ ଜିଲ୍ଲା ପଟାଙ୍ଗି ସୀମାନ୍ତ କୋଟିଆ। ଉପରେ ଆନ୍ଧ୍ରପ୍ରଦେଶ ନଜର ପକାଇଛି। ସ୍ଥାନୀୟ ଲୋକଙ୍କୁ ସବୁ ଯୋଜନାର ଲୋଭ ଦେଖାଇ ଆନ୍ଧ୍ର ପକାଇଛି ନଜର। ତେଣୁ କୋଟିଆକୁ ନେଇ ସରକାର ୧୬ ଜଣିଆ କମିଟି ଗଠନ କରିଛନ୍ତି। ଜୁନ ୩ ତାରିଖରେ କୋଟିଆ କମିଟିର ପ୍ରଥମ ବୈଠକ ବସିବ।

ପ୍ରାଶାସନିକ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଓଡ଼ିଶା ସରକାର ଦେଉଥିବା ସହାୟତା ଲୋକଙ୍କ ପାଖରେ ଠିକରେ ପହଞ୍ଚିପାରୁନି। କିନ୍ତୁ ସରକାର ବଦଳିଲା ପରେ ନୂଆ ଆଶା ସୃଷ୍ଟି ହୋଇଛି। କମିଟି ଗଠନ କରି କୋଟିଆ ପାଇଁ ଦୀର୍ଘମିଆଦି ଯୋଜନା କାର୍ଯ୍ୟକାରୀ କରାଯିବାକୁ ଚାଲିଛି ଯୋଜନା।

ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ଥିବା ସୀମା ବିବାଦ ନେଇ ବିଧାନସଭା ଗୃହ କମିଟିରେ ଆଜି ମାରାଥନ୍ ଆଲୋଚନା ହୋଇଛି। ବିଶେଷକରି ଫୋକସରେ ରହିଥିଲା କୋଟିଆ। ଓ ପୋଲାଭରମ ଭଳି ବିବାଦୀୟ ପ୍ରସଙ୍ଗ। କୋଟିଆରେ କେତେ ପିଲା ପାଠ ପଢୁଥିଲେ, କେତେ ପଢୁଛନ୍ତି ଓ ସେଠାକାର ଲୋକଙ୍କ ଓଡ଼ିଶା ପ୍ରତି କେତେ ଆଗ୍ରହ ରହିଛି ? ସେ ସବୁକୁ ନେଇ ଆଲୋଚନା ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଓଡ଼ିଆ। ଭାଷା ପ୍ରତି ଲୋକଙ୍କ ଆଗ୍ରହ ଆସିବା, ସରକାରୀ ସହାୟତାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛି କମିଟି।

# ହରିୟାଣାରେ ପରିବାରର ୭ ଜଣଙ୍କ ମୃତ୍ୟୁ



**ପଞ୍ଚକୁଲା, ୨୭।୫(ମହାଭାରତ):** ହରିୟାଣାର ପଞ୍ଚକୁଲାରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାରର ୭ ଜଣ ସଦସ୍ୟଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ଅଞ୍ଚଳର ଲୋକମାନଙ୍କୁ ମର୍ମାହତ କରିଛି। ପୀଡିତ ପରିବାରର ଲୋକମାନେ ଡେରାଡୁନର ବାସିନ୍ଦା ଥିଲେ। ସେ ହନୁମାନ କଥାରେ ଅଂଶଗ୍ରହଣ କରିବା ପାଇଁ ଡେରାଡୁନରୁ ପଞ୍ଚକୁଲା ଆସିଥିଲେ। ପଞ୍ଚକୁଲାର ସେକ୍ଟର ୨୭ରେ ଏହି ଗଣ ଆତ୍ମହତ୍ୟା ଘଟଣା ଘଟିଛି।

ମୃତକଙ୍କ ମଧ୍ୟରେ ଡେରାଡୁନର ବାସିନ୍ଦା ୪୨ ବର୍ଷୀୟ ପ୍ରବୀଣ ମିତ୍ତଲ, ତାଙ୍କ ମାତାପିତା, ପ୍ରବୀଣଙ୍କ ସ୍ତ୍ରୀ ଏବଂ ଦୁଇ ଝିଅ ଏବଂ ଗୋଟିଏ ପୁଅ ସମେତ ତିନି ଜଣ ପିଲା ଅଛନ୍ତି। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ ନୋଟ ଜବତ କରିଛି। ପଞ୍ଚକୁଲା ଡିସିପି ହିମାଦ୍ରି କୌଶିକ ଏବଂ ଡିସିପି ଆଇନ ଏବଂ ଶୃଙ୍ଖଳା ଅମିତ ଦହିଆ। ମଧ ଘଟଣାସ୍ଥଳରେ ପରିସ୍ଥିତିର ସମୀକ୍ଷା କରିଥିଲେ।ପଞ୍ଚକୁଲାର ସେକ୍ଟର ୨୭ରେ ଏକ ଘର ବାହାରେ ରାସ୍ତାରେ ପାର୍କିଂ ହୋଇଥିବା ଏକ କାରରେ ସମସ୍ତଙ୍କ ମୃତଦେହ ବନ୍ଦ ଅବସ୍ଥାରେ ମିଳିଥିଲା। ପୀଡିତ ପରିବାରର ଲୋକମାନେ ଡେରାଡୁନର ବାସିନ୍ଦା ଥିଲେ। କୁହାଯାଉଛି ଯେ ପରିବାର ସଦସ୍ୟମାନେ ୨୦ କୋଟିରେ ଋଣଗ୍ରସ୍ତ ଥିଲେ ଏବଂ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିଲେ। ପଞ୍ଚକୁଲା ଡିସିପି ହିମାଦ୍ରି କୌଶିକଙ୍କ ଅନୁଯାୟୀ, ଆମେ ସୂଚନା ପାଇଲୁ ଯେ ଛଅ ଜଣଙ୍କୁ ଓଜସ ହସ୍ପିଟାଲକୁ ଅଣାଯାଇଛି। ଯେତେବେଳେ ଆମେ ସେଠାରେ ପହଞ୍ଚିଲୁ, ଆମେ ଦେଖିଲୁ ଯେ ସମସ୍ତେ ମୃତ ଆଉ ଜଣେ ବ୍ୟକ୍ତିଙ୍କୁ ସେକ୍ଟର ୬ ସିଭିଲ ହସ୍ପିଟାଲକୁ ଅଣାଯାଇଥିଲା, ତାଙ୍କୁ ମଧ୍ୟ ମୃତ ଘୋଷଣା କରାଯାଇଛି। ପ୍ରଥମରୁ, ଏହା ଆତ୍ମହତ୍ୟା ମାମଲା ବୋଲି ମନେ ହେଉଛି। ଘଟଣା ସାମ୍ନାକୁ ଆସିବା ପରଠାରୁ ସମସ୍ତ ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ସମସ୍ତ ମୃତକ ଗୋଟିଏ ପରିବାରର ସଦସ୍ୟ।ପଞ୍ଚକୁଲା ପୋଲିସର ସୂଚନା ଅନୁଯାୟୀ, ସମସ୍ତ ସାତଟି ମୃତଦେହକୁ ପଞ୍ଚକୁଲାର ଘରୋଇ ହସ୍ପିଟାଲର ମର୍ଗରୀରେ ରଖାଯାଇଛି।ଫରେନସିକ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପାଇଁ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି। ଡେରାଡୁନର ବାସିନ୍ଦା ପ୍ରବୀଣ ମିତ୍ତଲ ତାଙ୍କ ପରିବାର ସହିତ ପଞ୍ଚକୁଲାର ବାଗେଶ୍ୱର ଧାମରେ ଆୟୋଜିତ ହନୁମାନ କଥା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ, ଡେରାଡୁନ ଫେରିବା ସମୟରେ, ସେମାନେ ଗଣ ଆତ୍ମହତ୍ୟାର ଏହି ପଦକ୍ଷେପ ନେଇଥିଲେ।

## ଆଜି କରୋନା ବୈଠକ

**ନୂଆଦିଲ୍ଲୀ,୨୭।୫(ମହାଭାରତ):** ଦେଶରେ କରୋନା ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ସପ୍ତାହ ମଧ୍ୟକେ ସକ୍ରିୟ ରୋଗୀଙ୍କ ସଂଖ୍ୟା ହାଜରେ ପାର କଲାଣି। କରୋନା ମୁକାବିଲା ପାଇଁ ଆସନ୍ତାକାଲି ଦିନ ୧୨ଟା ସମୟରେ ସବୁ ରାଜ୍ୟ ସହ କୋଭିଡ ସ୍ଥିତି ନେଇ ବୈଠକ ବସିବ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କୋଭିଡ ସ୍ଥିତି ନିୟନ୍ତ୍ରଣରେ ଅଛି ଯେଉଁ ଦୁଇଟି ଭାରିଆଣ୍ଟ କେନ୍ଦ୍ର ସରକାର କହୁଛନ୍ତି ତାହା ଏତେ ମାରାତ୍ମକ ନୁହେଁ। ଓଡ଼ିଶାରେ ଗୋଟେ ହିଁ କେସ୍ ଆସିଛି। ତାଙ୍କ ସ୍ୱାସ୍ଥ୍ୟ ଭଲ ରହିଛି ପରିବାରରେ କାହାର ଲକ୍ଷଣ ନାହିଁ ଗାଇଡଲାଇନ ପରିବର୍ତ୍ତନ ହୋଇଛି।ଲକ୍ଷଣ ନ ଥିଲେ ପରିବାର ଲୋକଙ୍କ ଟେଷ୍ଟ ହେବନି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ର, , ସହ ସମ୍ପର୍କରେ ଅଛି ବ୍ୟସ୍ତ ହେବାର ନାହିଁ ବୋଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ଏହି ରୋଗୀଙ୍କ ମଧ୍ୟରେ କେରଳ, ମହାରାଷ୍ଟ୍ର ଏବଂ ଦିଲ୍ଲୀର ସର୍ବାଧିକ ସଂକ୍ରମିତ ସାମିଲ ଅଛନ୍ତି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ତିରୁଅନନ୍ତପୁରମ ଭଳି କରୋନା ମାମଲା ଦେଖିବାକୁ ମିଳିଛି । ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟ କେରଳ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀରେ କରୋନା ଚିନ୍ତା ବଢାଇ ଦେଇଛି ।

# ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ଆକଳନ

**ନୂଆଦିଲ୍ଲୀ୨୭।୫(ମହାଭାରତ):** ଚଳିତ ଥର ମୌସୁମୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଦେଶରେ ପହଞ୍ଚିସାରିଛି । ଦେଶର ଦକ୍ଷିଣ ଭାଗରେ ଲଗାତାର ପ୍ରବଳ ବର୍ଷା ହେଉଛି। ମେ ମାସରେ ଭାରତର ଅନେକ ରାଜ୍ୟରେ ବର୍ଷା ହୋଇଛି, ଯାହା ଅନେକ ଦଶନ୍ଧିର ରେକର୍ଡକୁ ଭାଙ୍ଗି ସାରିଛି। ଏହାରି ଭିତରେ ପାଣିପାଗ ବିଭାଗ ଜୁନ୍ ପାଇଁ ବର୍ଷାର ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ ଅନୁସାରେ ଭାରତରେ ଜୁନରେ ହିଟ୍ ୱେଭ୍ ରହିବ ନାହିଁ। ଏହା ସହ କୋର୍ ଜୋନ୍ କିମ୍ବା କୃଷି ପ୍ରାଧାନ୍ୟ ରାଜ୍ୟରେ ମୌସୁମୀ ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର।

ପାଣିପାଗ ବିଭାଗ ଅନୁସାରେ ଜୁନରେ ସ୍ୱାଭାବିକଠାରୁ ଅଧିକ ୧୦୮ ପ୍ରତିଶତ ବର୍ଷା ହେବାର ସମ୍ଭାବନା ଅଛି। ଗତ ବର୍ଷ ତୁଳନାରେ ଏଥର ୧୦୫ ପ୍ରତିଶତ ଅଧିକ ବର୍ଷା ପୂର୍ବାନୁମାନ କରାଯାଇଥିଲା, କିନ୍ତୁ ଏବେ ପୂରା ମୌସୁମୀ ସିଜିନ (ଜୁନ୍ ୧ରୁ ସେପ୍ଟେମ୍ବର ୩୦)ରେ ୧୦୬ ପ୍ରତିଶତ ବର୍ଷା ହୋଇପାରେ। ସୂଚନା ଅନୁଯାୟୀ, ମଧ୍ୟ ଭାରତ ଏବଂ ଦକ୍ଷିଣ



ଉପଦ୍ୱୀପରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ସେହି ସମୟରେ ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବାର ଅଶା କରାଯାଉଛି। ଉତ୍ତର-ପୂର୍ବ ଭାରତ କଥା ଯଦି କହିବା ତେବେ ଏଠାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ ଜୁନ୍ ମାସରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକ କିମ୍ବା ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ। ଜୁନ୍ ମାସରେ ଉତ୍ତର-ପଶ୍ଚିମ ବ୍ୟତୀତ ଦେଶର ଅଧିକାଂଶ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ କମ୍ ରହିବ।

ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଦେଶରେ ହାରାହାରି ୮୭ ସେମି ବର୍ଷାର ୧୦୬ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବାର ସମ୍ଭାବନା ଥିବାବେଳେ ଉତ୍ତର-ପୂର୍ବରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଏହି ଋତୁରେ, ମୌସୁମୀ କୋର୍ ଜୋନ୍‌ରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି (ଦୀର୍ଘକାଳୀନ ହାରାହାରିର ୧୦୬ ପ୍ରତିଶତରୁ ଅଧିକ)। ଏହି ଜୋନ୍‌ରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ଏବଂ ଆଖପାଖ ଅଞ୍ଚଳ ସାମିଲ ଲଦାଖ, ହିମାଚଳ ପ୍ରଦେଶର ସଂଲଗ୍ନ ଅଞ୍ଚଳ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଏବଂ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର କିଛି ଅଂଶ ବ୍ୟତୀତ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ପଞ୍ଜାବ, ହରିୟାଣା, କେରଳ ଏବଂ ତାମିଲନାଡୁର କିଛି ବିଚ୍ଛିନ୍ନ ଅଞ୍ଚଳରେ ସ୍ୱାଭାବିକଠାରୁ କମବର୍ଷା ହୋଇପାରେ।

ସୂଚନା ଅନୁସାରେ ପ୍ରାକ୍-ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ଦେଶର ଅଧିକାଂଶ ସ୍ଥାନରେ ଜୁନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଏହାର ଅର୍ଥ ରାତିରେ ଅଧିକ ଗରମ ହେବ। ମୌସୁମୀର ଗତି ୩ରୁ ୪ ଦିନ ପର୍ଯ୍ୟନ୍ତ ଏପରି ରହିପାରେ। ବଙ୍ଗୋପସାଗରରେ ଏକ ସିଷ୍ଟମ ସୃଷ୍ଟି ହୋଇଛି, ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି, ଏହା ମଧ୍ୟ ମୌସୁମୀକୁ ଶକ୍ତିଶାଳୀ ରଖିବ।

# ଏନଏସି ଓ ମ୍ୟୁନିସିପାଲିଟି ପାଇଁ ତତ୍ପରତା

**ଭୁବନେଶ୍ୱର,୨୭।୫(ମହାଭାରତ):** ରାଜ୍ୟରେ ନୂଆ ଏନଏସି ଓ ମ୍ୟୁନିସିପାଲଟି ପାଇଁ ତତ୍ପରତା ଦେଖାଇଛନ୍ତି ରାଜ୍ୟ ସରକାର। ଗଞ୍ଜାମ ଜିଲ୍ଲାର ପୋଲସରା ଓ ଭଞ୍ଜନଗରକୁ ମିଳିବ ମ୍ୟୁନିସିପାଲଟି ମାନ୍ୟତା ଭଞ୍ଜନଗର ଓ ପୋଲସରା ଏନଏସି ଥିବାବେଳେ ଏହାକୁ ମ୍ୟୁନିସିପାଲଟି କରାଯିବ। ମ୍ୟୁନିସିପାଲିଟି ପାଇଁ ପୋଲସରା ଓ ଭଞ୍ଜନଗର ସବୁ ପ୍ରକାରର ମାନଦଣ୍ଡ ପୂରଣ କରୁଛି। ତେଣୁ ପୋଲସରା ଓ ଭଞ୍ଜନଗର ଏନଏସିକୁ ଚିଠି ଲେଖିଛି ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା। ଏକ ଜରୁରୀକାଳୀନ ବୈଠକ ଡାକି ଆଲୋଚନା କରିବାକୁ କୁହାଯାଇଛି।

ତତ୍କାଳୀନ ବିଜେଡି ସରକାର ବିଧାନସଭା ନିର୍ବାଚନ ପୂର୍ବରୁ ୨୩ ଜିଲ୍ଲାର ୫୭ ନୂଆ ପୌରସଂସ୍ଥା ଗଠନ ପାଇଁ ଘୋଷଣା କରିଥିଲେ। କିନ୍ତୁ ବିଜେଡି ସରକାର ଏଥିପାଇଁ କୌଣସି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ କରିନଥିଲା। ସୂଚନା ଅନୁସାରେ ପ୍ରାଥମିକ ପର୍ଯ୍ୟାୟରେ, ୭ଟି ନୂଆ ପୌରସଂସ୍ଥା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପ୍ରସ୍ତାବ ଯାଇଛି। ପଞ୍ଚାୟତିରାଜ ବିଭାଗ ଏ ନେଇ ଆବଶ୍ୟକୀୟ ମଞ୍ଜୁରି ଦେଇସାରିଛି। ଏବେ କେବଳ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ଖୁବଶୀଘ୍ର ଏ ନେଇ ମୁଖ୍ୟମନ୍ତ୍ରୀ ବୈଠକ କରିବା ପରେ ନୂଆ ପୌରସଂସ୍ଥାର ନାଁ ଘୋଷଣା କରିପାରନ୍ତି। ଏପଟେ ନୂଆ ପୌରସଂସ୍ଥା ନେଇ ପୂର୍ବ ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛି ବିଜେଡି।ରାଜ୍ୟର ବିଭିନ୍ନ ଜିଲ୍ଲାରେ ନୂଆ ଏନଏସି ଓ ମ୍ୟୁନିସିପାଲଟି ଗଠନ ପାଇଁ ଦାବି ଜୋର ଧରିଛି।ଏହି ତାଲିକା ଲମ୍ବା ହୋଇଚାଲିଛି। ତେଣୁ ନୂଆ ପୌରସଂସ୍ଥା ଘୋଷଣା ବିଜେପି ସରକାର ପାଇଁ ଆଗକୁ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

# ସରକାରଙ୍କ ବର୍ଷପୂର୍ତ୍ତି ପାଳନ ପ୍ରସ୍ତୁତି ପାଇଁ ସଚିବସ୍ତରୀୟ ବୈଠକ

**ଭୁବନେଶ୍ୱର, ୨୭।୫(ମହାଭାରତ):** ସଚିବସ୍ତରୀୟ ବୈଠକ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରାବଧାନ ଅନୁସାରେ ଚଳିତ ଅପ୍ରେଲ ମାସ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଥିଲା। ଦେଖାଯାଇଛି ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଅପ୍ରେଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚ ୩୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତ ବର୍ଷ ତୁଳନାରେ ୬୬ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ଘଟିଛି। ବଜେଟ୍ ପ୍ରାବଧାନ ଅନୁସାରେ ପ୍ରତି ବିଭାଗ ମାନେ ନିଜ ନିଜ ସ୍ତରରେ ପ୍ରତିମାସରେ କାର୍ଯ୍ୟ ଅଗ୍ରଗତି ଓ ତଦନୁସାରେ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଆଦାୟ ବିଭିନ୍ନ ବିଭାଗରେ ଓସ୍ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ଆଗାମୀ ଦିନରେଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଁଚିବ, ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ କମାଯାଇ (ଡିଲେୟାରିଂ) ପ୍ରକ୍ରିୟାରେ ଏହି ବ୍ୟବସ୍ଥାର ସରଳୀକରଣ କରାଯିବ।

## ‘ଫୁଲକୋବି ଖିରି’

**ପରିବାରୁ ବି ହୋଇପାରେ ଖିରି। ଫୁଲକୋବି ସହାଯ୍ୟରେ ଆପଣ ଏହି ମିଠା ଖାଦ୍ୟଟି ପ୍ରସ୍ତୁତ କରିପାରିବେ। ତେବେ ଏହି ଖାଦ୍ୟଟି କେମିତି ପ୍ରସ୍ତୁତ କରାଯିବ ଜାଣନ୍ତୁ।**

ଆବଶ୍ୟକ ସାମଗ୍ରୀ: କ୍ଷୀର, କାଜୁ, ପିସ୍ତା, କିସ୍ମିସ୍, ଫୁଲକୋବି, ଚିନି, ମିଲ୍କମେଡ୍ ଲୁଣ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଫୁଲକୋବିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏବେ କଡେଇରେ ଘିଅ ଗରମ କରି କଟା କୋବିରେ ଲୁଣ ପକାଇ ଭାଜି ଦିଅନ୍ତୁ। ଏହାପରେ କଡେଇରେ କ୍ଷୀରକୁ ଫୁଟାଇ ସେଥିରେ ଚିନି ପକାନ୍ତୁ। କ୍ଷୀର ଭଲ ଭାବେ ଫୁଟିଯିବା ପରେ ସେଥିରେ ଫୁଲକୋବି ଭଜା ପକାନ୍ତୁ। ଏହାପରେ ଏଥିରେ ମିଲ୍କମେଡ୍, କାଜୁ, ପିସ୍ତା, କିସମିସ୍ ପକାଇ ୫ ରୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ‘ଫୁଲକୋବି ଖିରି’।



**····· ପରଦା ଖବର ·····**

# ସହିଦ ପତ୍ନୀଙ୍କ କଲ୍ୟାଣ ପାଣ୍ଠିକୁ ୧.୧୦ କୋଟି ଦାନ କଲେ ପ୍ରୀତି





ଭାରତୀୟ ସେନାର ସାଉଥ ୱେଷ୍ଟର୍ଣ୍ଣ କମାଣ୍ଡର ସେନା ପତ୍ନୀଙ୍କ କଲ୍ୟାଣ ସଂଗଠନ(ଏଡବ୍ଲ୍ୟୁଡବ୍ଲ୍ୟୁଏ)କୁ ୧କୋଟି ୧୦ଲକ୍ଷ ଟଙ୍କା ଦାନ କରିଛନ୍ତି ଅଭିନେତ୍ରୀ ପ୍ରୀତି ଜିଣ୍ଟା। ଆଇପିଏଲ ଟିମ୍ ପଞ୍ଜାମ କିଙ୍ଗସ୍ର ମାଲିକାଣୀ ଥିବା ପ୍ରୀତି ଏହି ଟିମର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର) ପାଣ୍ଠିରୁ ଏହି ଅର୍ଥ ଦାନ କରିଛନ୍ତି। ବୀର ଯବାନଙ୍କ ସହିଦ ପତ୍ନୀ(ବୀର ନାରୀ) ଓ ସେମାନଙ୍କ ସନ୍ତାନଙ୍କ ଶିକ୍ଷା ଓ ବିକାଶ ଦିଗରେ ଏହି ପାଣ୍ଠି ବିନିଯୋଗ ହେବ୍ୟ ଶନିବାର ସାଉଥ ୱେଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରୀତି କହିଥିଲେ ଯେ ବୀର ସୈନିକଙ୍କ ପରିବାରକୁ ସହଯୋଗ କରିବା ଆମ ପାଇଁ ଏକ ସମ୍ମାନ ଓ ଦାୟିତ୍ୱର ବିଷୟ୍ୟ ଆମର ସଶସ୍ତ୍ର ବାହିନୀ ଦେଶ ପାଇଁ ଯେଉଁ ତ୍ୟାଗ ଓ ବଳୀଦାନ ଦେଉଛନ୍ତି ଆମେ ତାକୁ କେବେହେଲେ ପରିଶୋଧ କରିପାରିବା ନାହିଁ। ମାତ୍ର ଆମେ ସେମାନଙ୍କ ପରିବାରକୁ ଆଗକୁ ବଢିବା ଲାଗି ସହଯୋଗର ହାତ ବଢାଇବା ଉଚିତ।

## ପେଚା କାହିଁକି ରାତିରେ ଦେଖିପାରେ



ପେଚା ଯେତିକି ଭୟଙ୍କର ସେତିକି ବୁଦ୍ଧିମାନ ମଧ୍ୟ। କେହି କେହି ପେଚାକୁ ବୋକା ବୋଲି ଭାବିଥାନ୍ତି। କିନ୍ତୁ ପେଚା ବିଷୟରେ ଏମିତି କିଛି ଖାସ୍ କଥା ଅଛି ଯାହା ଅଧିକାଂଶ ଲୋକେ ଜାଣି ନ ଥିବେ। ତେବେ ଜାଣନ୍ତୁ ଏ ସମ୍ପର୍କରେ : ପେଚା ମା’ ଲକ୍ଷ୍ମୀଙ୍କ ବାହନ ଅଟେ। ପୃଥିବୀରେ ୨୦୦ରୁ ଅଧିକ ପ୍ରଜାତିର ପେଚା ଅଛନ୍ତିୟ କେବଳ ଆଣ୍ଟକଟିକାକୁ ଛାଡ଼ିଦେଲେ ବିଶ୍ୱର ସମସ୍ତ ସ୍ଥାନରେ ପେଚା ଦେଖିବାକୁ ମିଳିଥାନ୍ତି। ପେଚା ଏକମାତ୍ର ପକ୍ଷୀ ଯିଏକି, ନୀଳରଙ୍ଗକୁ ଭଲ ଭାବରେ ଦେଖିପାରେ। ବର୍ଷକୁ ପ୍ରାୟ ୧ ହଜାର ମୂଷା ମାରି ଏହା ଖାଇଥାଏ। ପେଚା ଏମିତି ଏକ ପକ୍ଷୀ ଯିଏ ନିଜ ଶରୀର ନ ବୁଲାଇ ମୁଣ୍ଡକୁ ୨୭୦ ଡିଗ୍ରୀରେ ବୁଲାଇଥାଏ। ଯାହା ଦ୍ୱାରା ଚତୁଃପାର୍ଶ୍ୱରେ ଥିବା ସମସ୍ତ ଜିନିଷକୁ ଦେଖିପାରେ। ଯେକୌଣସି ବସ୍ତୁର ଥ୍ରୀ ଡି ଇମେଜ ମଧ୍ୟ ଏହା ଦେଖିପାରେ। ଛବିର ଲମ୍ବ, ଚଉଡ଼ାକୁ ବେଶ୍ ଭଲ ଭାବେ ଦେଖିପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦିବାଲୋକରେ ପେଚାକୁ ଦେଖାଯାଏ ନାହିଁ। ରାତିରେ ଏହା ମଣିଷଠାରୁ ମଧ୍ୟ ବେଶ୍ ଭଲ ଭାବେ ଦେଖିପାରିଥାଏ। ଏହାର ଏକ କାରଣ ରହିଛି। ମଣିଷ ଆଖି ଭିତରେ ରଡ୍ସ ଏବଂ କୋନ୍ ରହିଛି। ରଡ୍ସରେ ଦେଖିବା ଶକ୍ତି ଥିବାବେଳେ କୋନ୍ ରଙ୍ଗ ଚିହ୍ନିପାରେ। କିନ୍ତୁ ପେଚା ଆଖିରେ କମ୍ କୋନ୍ ଏବଂ ଅଧିକ ରଡ୍ ରହିଛି। ଏଥିପାଇଁ ଅନ୍ଧାରରେ ଏହା ଭଲ ଭାବରେ ଦେଖିପାରେ। ଏହା ବ୍ୟତୀତ ପେଚା ଆଖିରେ ପ୍ରୋଟିନରୁ ତିଆରି ହୋଇଥିବା ଲାଲ୍ ରଙ୍ଗର ଏକ ପଦାର୍ଥ ରହିଛି । ଯାହା ଦ୍ୱାରା ରାତି ହେଲେ ଏହାର ଆଖି ଅଧିକ ସମ୍ବେଦନଶୀଳ ହୋଇଉଠେ। ଆହୁରି ଅନେକ କାରଣ ଯୋଗୁ ପେଚାକୁ ରାତିରେ ଭଲ ଭାବରେ ଦେଖାଯାଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।

# ଗର୍ଭଧାରଣ ସମୟରେ ମହିଳାମାନେ ସତର୍କ






ମହିଳାମାନେ ଗର୍ଭବତୀ ସମୟରେ ଅଧିକରୁ ଅଧିକ ସତର୍କ ରହିବା ଉଚିତ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ବିଶେଷ କରି ଏହି ସମୟରେ ମହିଳାମାନେ ନିଜର ଖାଦ୍ୟ ଉପରେ ଅଧିକ ଗୁରୁତ୍ୱାରୋପ କରିବା ଜରୁରୀ ହୋଇଥାଏ। ଭର୍ଗବତୀ ଥିବା ସମୟରେ ଅରୁଚି ହେଉଥିବା ହେତୁ ମହିଳାମାନେ ଖାଇବାକୁ ନେଇ ଅନେକ ଅବହେଳା କରିଥାନ୍ତି। ମାତ୍ର ଗର୍ଭ କାଳରେ କେଉଁ ସବୁ ଖାଦ୍ୟ ଖାଇବା ଜରୁରୀ ଆସନ୍ତୁ ସେ ବିଷୟରେ ଆଲୋଚନା କରିବା। ଗର୍ଭଧାରଣ ସମୟରେ ଯେତେ ସବୁ ଫଳ ଖାଇଲେ କୌଣସି ଅସୁବିଧା ନାହିଁ। ମାତ୍ର ଯେଉଁ ଦୁଇଟି ଫଳ ସେ ସମୟରେ ମହିଳାଙ୍କୁ ଖାଇବାକୁ ବାରଣ କରାଯାଇଛି ତାହା ହେଉଛି ଅମୃତଭଣ୍ଡା ଓ ପଣସ। ଏ ସମୟରେ ଯେତେ ଶାଗ ଖାଇଲେ ଭଲ। ସାଗରୁ ବିଭିନ୍ନ ଧରଣର ଭିଟାମିନ ମିଳିବା ସହ ପିଲାର କେଶ ଘନ ହୋଇଥାଏ। ଗର୍ଭବତୀ ରହିବା ସମୟରେ ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଇବା ଭଲ। ଦୈନନ୍ଦିନ ଖିର ପିଇବା ସହ ସେଥିରେ କେଶର ମିଶାଇ ପିଇଲେ ପିଲାର ରଂଗ ଭଲ ହୋଇଥାଏ। ଏହି ସମୟରେ କାଜୁ, ବାଦାମ ଓ ଆଲମଣ୍ଡ ଖାଇବା ଭଲ। ପିଲାର ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ ଏପରି ଖାଦ୍ୟ ଖାଇବା ଦ୍ୱାରା। ଦହି, କାକୁଡ଼ି ଆଦି ପ୍ରଚୁର ପରିମାଣରେ ଖାଇବା ଉଚିତ। ଫଳରେ ପିଲାର ମସ୍ତିଷ୍କ ଥଣ୍ଡା ହେବା ସହ ସୁସ୍ଥ ପିଲା ଜନ୍ମ ନେଇଥାଏ ମାଆ ଏପରି ଖାଦ୍ୟ ଖାଇଲେ। ଏସିଡିଟି ଦୂର କରିବା ପାଇଁ ଗର୍ଭବତୀମାନଙ୍କୁ ଏହି ସମୟରେ ପଇଡ଼ ପାଣି, ମିସିରି ପାଣି

# ନିଜ ଘରର ପରିବେଶକୁ ରଖନ୍ତୁ ସ୍ୱାସ୍ଥ୍ୟକର



ପ୍ରଦୂଷିତ ପରିବେଶ ଯୋଗୁ ଲୋକମାନେ ଅଧିକ ରୋଗର ଶିକାର ହେଉଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ନାନା ପ୍ରକାରର ଔଷଧ ମଧ୍ୟ ଖାଉଛନ୍ତି। ହେଲେ ଆପଣ ଜାଣିନଥିବେ ଯେ କେବଳ ବାହାରର ପ୍ରଦୂଷଣ ନୁହେଁ ବରଂ ଆପଣଙ୍କ ଘରର ଦୂଷିତ ବାତାବରଣ ବି ଆପଣଙ୍କୁ ରୋଗରେ ପକାଇପାରେ। ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ ଦେବୁ ଯାହାକୁ ଆପଣାଇ ଆପଣ ନିଜ ଘରକୁ ଏକ ସ୍ୱାସ୍ଥ୍ୟକର ବାତାବରଣ ଦେଇପାରିବେ। ଘରକୁ ସବୁଦିନ ଝାଡୁ ମାରନ୍ତୁ। ବିଶେଷ କରି ଘରର କୋଣ ଗୁଡ଼ିକୁ ଭଲଭାବେ ସଫା କରନ୍ତୁ। ପ୍ରତ୍ୟେକ ସପ୍ତାହରେ ଘର ଝାଡ ଝୁଡି କରନ୍ତୁ। କାର୍ପେଟ୍, ପରଦା, ସୋଫା କଭର ସହ ଅନ୍ୟାନ୍ୟ କଭର ଗୁଡ଼ିକୁ ସପ୍ତାହରେ ଥରେ ସଫା କରନ୍ତୁ। ପ୍ରତ୍ୟେକ ଦିନ ବେଡସିଟ୍ ବଦଳାନ୍ତୁ ଓ ତାକୁ ଧୋଇଦିଅନ୍ତୁ। ବିଶେଷ କରି ଯଦି ଆପଣଙ୍କର ଗୃହପାଳିତ ପଶୁ ଅଛି ତାକୁ ଓ ତାର ବ୍ୟବହୃତ ଜିନିଷ ଗୁଡିକୁ ମଧ୍ୟ ସଫା ରଖନ୍ତୁ। ପ୍ରତ୍ୟେକ ଦିନ ପାଣିରେ ଆଣ୍ଟିସେପ୍ଟିକ ଲିକ୍ୟୁଇଡ୍ ପକାଇ ଘରର ଚଟାଣ ସଫା କରନ୍ତୁ।

ଭବାଥରୁମ ସଫା ରଖନ୍ତୁ: ବାଥରୁମକୁ ସବୁବେଳେ ସଫା ରଖନ୍ତୁ। ବାଥରୁମରେ ଏକ ଏକ୍ସଷ୍ଟ ଫ୍ୟାନ୍ ଲଗାନ୍ତୁ। ଏହା ଦ୍ୱାରା ବାଥରୁମରେ ଦୂଷିତ ବାୟୁ ଘର ଭିତରକୁ ପ୍ରବେଶ କରିପାରିବ ନାହିଁ। ଏଥିସହ ବାଥରୁମ୍ ଭିତରେ ଅଧିକ ସମୟ ରହିଲେ ମଧ୍ୟ ଅଣନିସ୍ୱାସୀ ଲାଗିବ ନାହିଁ।

ଭ ଘରେ ଧୂମପାନ କରନ୍ତୁ ନାହିଁ: ଧୂମପାନ ଶରୀର ପାଇଁ କେତେ ହାନିକାରକ ଏ କଥା ତ ସମସ୍ତେ ଜାଣନ୍ତି। ଆପଣ ଜାଣନ୍ତି କି ଧୂମପାନ କରୁଥିବା ବ୍ୟକ୍ତି ପାଇଁ ଏହା ଯେତେ କ୍ଷତି କରେ ଏହି ଧୂଆଁ ତାଙ୍କ ଆଖପାଖରେ ଥିବା ବ୍ୟକ୍ତିଙ୍କର ମଧ୍ୟ ସେତିକି କ୍ଷତି କରେ। ତମାଖୁର ଧୂଆଁ ଘରର ବାତାବରଣକୁ ଦୂଷିତ କରିଦିଏ। ଯାହାକି ଛୋଟପିଲାମାନଙ୍କ ପାଇଁ ବହୁତ କ୍ଷତିକାର।

ଭ ରୋଷେଇ ଘରେ ପରିବର୍ତ୍ତନ କରନ୍ତୁ: ରାନ୍ଧିବା ସମୟରେ, ରନ୍ଧନ ଧୂଆଁରୁ ମୁକ୍ତି ପାଇବା ପାଇଁ ଘରର ଝରକା ସବୁ ଖୋଲା ରଖନ୍ତୁ। ରୋଷେଇ ଘରେ ଏକଜିଷ୍ଟ ଫ୍ୟାନ୍ କିମ୍ବା ଚିମିନି ଲଗାନ୍ତୁ, ଏହା ଦୂଷିତ ବାୟୁକୁ ନିଷ୍କାସିତ କରିବ। ନିୟମିତ ରୋଷେଇ ଘରକୁ ସଫା କରନ୍ତୁ। ପରିବା ଚୋପା ଓ ଅଇଁଠାକୁ ଏଣେ ତେଣେ ନ ପକାଇ ଘୋଡ଼ଣୀ ଥିବା ଡଷ୍ଟବିନରେ ପକାନ୍ତୁ। ଆଉ ପ୍ରତ୍ୟେକ ଦିନ ଡଷ୍ଟବିନ୍‌କୁ ଖାଲି କରନ୍ତୁ।

ଭ ଉତ୍କଟ ସୁଗନ୍ଧଯୁକ୍ତ ଦ୍ରବ୍ୟରୁ ଦୂରେଇ ରୁହନ୍ତୁ: ରୁମ୍ ଫ୍ରେସନର, କୀଟନାଶକ ପ୍ରତିରୋଧକ ଯେପରିକି ମଶାଧୂପ, ଅତର, ଅତ୍ୟଧିକ ବାସ୍ନା ହେଉଥିବା ଓ ଧୂଆଁ ବାହାରୁଥିବା ଧୂପ କାଠି ଫିନାଇଲ୍ ବ୍ୟବହାର କମ୍ କରନ୍ତୁ। ଏସବୁ ଆଲର୍ଜି କରିପାରେ ଓ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିପାରେ।

ଭ ଇନଡୋର ପ୍ଲାଣ୍ଟ ରଖନ୍ତୁ: ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁକୁ ଶୁଦ୍ଧ କରିବାରେ ଇନଡୋର ପ୍ଲାଣ୍ଟଗୁଡ଼ିକର ବହୁତ ବଡ଼ ଭୂମିକା ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ଲାଣ୍ଟଗୁଡ଼ିକ ଆମ ଘର ଭିତରୁ ବେନଜେନ, ଫର୍ମାଲଡିହାଇଡ୍, ଟ୍ରାଇକ୍ଲୋରେଥାଇଲନ୍, ଜାଇଲିନ୍, ଏବଂ ଆମୋନିୟା ଭଳି ବିଶାକ୍ତ ଗ୍ୟାସକୁ ବାହାର କରି କିଛି ଘରକୁ ବିଶୁଦ୍ଧ କରେ।



## ଘରକୁ ସଫା ରଖିବା ସହ ଜିନିଷକୁ ସଫା ରଖନ୍ତୁ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ୍ୟ ଜରୁରୀ। ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ଓ ବାସନକୁସନ ଗୁଡ଼ିକୁ ସଫା ରଖିବା



ବହୁତ ଜରୁରୀ। ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା’ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ। ଆସନ୍ତୁ ପିବା ସେମିତି କିଛି ଟିପ୍ସ।

୧. ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ। ଦେଖିବେ ପୋଡା ଦାଗ ଛାଡିଯିବ।

୨. ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ। ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ। ରୁଟି ନରମ ଓ ସୁଆଦିଆ ହେବ।

୩ . ରୁଟି ତାୱାରୁ ପୋଡା ଦାଗ ଛଡାଇବା ପାଇଁ ତାୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ। ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ। ଦେଖିବେ ତାୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ।

୪. ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକୁଇଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ। ପରେ ଭଲ ପାଣିରେ ଧୋଇଦିଅନ୍ତୁ। ଜାର ଭଲରେ ସଫା ହୋଇଯିବ।

୫. ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ। ଏପରି କଲେ ପନିର ସତେଜ ରହିବ।

# ଆତଙ୍କବାଦ ଏବଂ ବ୍ୟବସାୟ ଏକା ସଙ୍ଗେ ଚାଲିବ ନାହିଁ



**ଭୁବନେଶ୍ୱର,୨୭।୫ (ମହାଭାରତ):** ବିଶ୍ୱ ଆଗରେ ପାକିସ୍ତାର ମୁଖା ଖୋଲିବା ପାଇଁ ବିଦେଶ ଗସ୍ତରେ ଭାରତର ସର୍ବଦଳୀୟ ଟିମ୍। ୭ଜଣ ବରିଷ୍ଠ ସାଂସଦଙ୍କ ନେତୃତ୍ୱରେ ୭ଟି ପ୍ରତିନିଧି ଦଳ ବିଭିନ୍ନ ରାଷ୍ଟ୍ରକୁ ଯାଇ ପାକିସ୍ତନର ମୁଖା ଖୋଲୁଛନ୍ତି। ଏହି କ୍ରମରେ ଜେଡିୟୁ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଏକ ଟିମ୍ ଦକ୍ଷିଣ କୋରିଆ ଗସ୍ତ କରିଛନ୍ତି। ଏହି ଟିମ୍‌ରେ ଅଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଗସ୍ତର ପଞ୍ଚମ ଦିନରେ ସିଓଲ ଠାରେ ଭାରତୀୟ ଦୂତାବାସରେ ଥିଙ୍କ-ଟ୍ୟାଙ୍କସ୍, ଶିଳ୍ପ ଗୋଷ୍ଠୀ, ଶିକ୍ଷାବିଦ୍, ପ୍ରତିରକ୍ଷା ବିଶେଷଜ୍ଞ ଏବଂ ରାଜନୈତିକ ବିଶ୍ଳେଷକମାନଙ୍କ ସହ ଆତଙ୍କବାଦକୁ ନେଇ ଆଲୋଚନା ହୋଇଥିଲା। ଆଲୋଚନାର ବିଷୟ ଥିଲା ସନ୍ତ୍ରାସବାଦ ଓ ପାକିସ୍ତାନ ତାହାକୁ ଉତ୍ସାହିତ ଓ ପ୍ରସାର କରିବା ପାଇଁ କରୁଥିବା ଚେଷ୍ଟା। ଏହି ଆଲୋଚନାରେ ଉପସ୍ଥିତ ରହି ପାକିସ୍ତାନର ଆତଙ୍କୀ ମୁଖାର ପର୍ଦାଫାସ କରିଥିଲେ ଅପରାଜିତା। ଆତଙ୍କବାଦୀଙ୍କୁ କିଭଳି ପାକିସ୍ତାନ ପ୍ରୋତ୍ସାହିତ କରୁଛି ଏବଂ ପାକିସ୍ତାନ କିଭଳି ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ସେନେଇ ଅବଗତ କରାଇଥିଲେ ଅପରାଜିତା। ଅପରାଜିତା କହିଥିଲେ ୨୨ ଏପ୍ରିଲରେ ପହଲଗାମରେ ଯାହା ଘଟିଥିଲା ତାହା କେବଳ ଆଘାତ ଦେଇନାହିଁ। ବରଂ ତାହା ଅତ୍ୟନ୍ତ କ୍ରୋଧିତ କରିଛି। ସେହି ଆଘାତ ବିଦେଶର ପ୍ରତ୍ୟେକ ଲୋକଙ୍କ ମଧ୍ୟରେ ସୃଷ୍ଟି କରିବା ପାଇଁ ୩୩ଟି ଦେଶକୁ ସର୍ବଦଳୀୟ ଟିମ୍ ଗସ୍ତ କରୁଛି। ଦକ୍ଷିଣ କୋରିଆ ଦେଶକୁ ଗସ୍ତ କରିବାର କାରଣ ଏହି ଦେଶ ଭାରତ ସହ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଦକ୍ଷିଣ କୋରିଆ ହେଉଛି ୟୁଏନ୍‌ଏସସିର ସଦସ୍ୟ। ସର୍ବଦଳୀୟ ଟିମ୍ ସେହିସବୁ ଦେଶକୁ ଗସ୍ତ କରୁଛି ଯେଉଁମାନଙ୍କର ସ୍ୱର ଅର୍ନ୍ତଜାତୀୟ ସ୍ତରରେ ଗୁରୁତ୍ୱ ରଖେ ବୋଲି ଅପରାଜିତା କହିଥିଲେ। କଡ଼ା ସମାଲୋଚନା କରି ଅପରାଜିତା କହିଥିଲେ ପହଲଗାମରେ ଘଟିଥିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଯେତେ କଡ଼ା ଭାଷରେ ନିନ୍ଦା କଲେ ମଧ କମ୍ ହେବ। ପାକିସ୍ତାନ ଆତଙ୍କବାଦକୁ ଉସକାଉଛି ଏବଂ ଆତଙ୍କୀକାଣ୍ଡ ଭିଆଇବା ଅଭ୍ୟାସରେ ପରିଣତ ହୋଇଛି। ଏଥିପାଇଁ ପାକିସ୍ତାନ ନିନ୍ଦାର ପାତ୍ର। ଯେ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ଛାଡ଼ିନାହିଁ ସେ ପର୍ଯ୍ୟନ୍ତ ବ୍ୟବସାୟ ଏବଂ ସମ୍ବାଦ ସ୍ଥାପନ ହୋଇପାରିବ ନାହିଁ। ରକ୍ତ ଓ ପାଣି ଏକାସାଥିରେ ବହିପାରିବ ନାହିଁ ବୋଲି ଅପରାଜିତା କହିଥିଲେ। ବୈଠକରେ ଭୁବନେଶ୍ୱର ସାଂସଦଙ୍କ କଥାକୁ ଦୃଢ଼ ସମର୍ଥନ ମିଳିଥିଲା। ସମସ୍ତେ ଆତଙ୍କବାଦ ବିରୋଧରେ ସ୍ୱର ମିଶାଇଥିଲେ। ଏହି ବୈଠକରେ ସର୍ବଦଳୀୟ ଟିମ୍ ସହ ପ୍ରବାସୀ ଭାରତୀୟମାନେ ମଧ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ବିଭିନ୍ନ ଦେଶକୁ ସର୍ବଦଳୀୟ ଟିମ୍ ପଠାଇବା ନିଷ୍ପତ୍ତିକୁ ସେମାନେ ପ୍ରଶଂସା କରିଥିଲେ।

# ଆଦର୍ଶ ସେବା ପାଇଁ ୪ ରେଳ କର୍ମଚାରୀ ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୨୭।୫ (ମହାଭାରତ):** ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ଚାରି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ଟିଟିଲାଗଡରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ପୂଜନ କୁମାର, ମତଗଜପୁର ଷ୍ଟେସନରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ଦୀନେଶ କୁମାର, କେନ୍ଦୁଝରଗଡ଼ରେ କାର୍ଯ୍ୟରତ ଲୋକୋ ପାଇଲଟ ଜଗଦୀଶ ସାମଲ ଏବଂ ବିଶାଖାପାଟଣାଠାରେ କାର୍ଯ୍ୟରତ ଟ୍ରେନ ପ୍ରବନ୍ଧକ ବୋଡାନି ଶ୍ରୀନିବାସ ରାଓ ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି।

# ଗୁଣାତ୍ମକ ଶିକ୍ଷାଦାନ ସମାଜକୁ ସଠିକ ମାର୍ଗଦର୍ଶନ ଦିଏ



**ଭୁବନେଶ୍ୱର,୨୭।୫ (ମହାଭାରତ):** ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତ ସେ ଦେଶ ସେତେ ମାତ୍ରାରେ ସମୃଦ୍ଧ ଓ ଗୁଣାତ୍ମକ ଶିକ୍ଷାଦାନ ସହ ସମାଜକୁ ସଠିକ ମାର୍ଗ ଦର୍ଶନ କରି ଦେଶ ତଥା ରାଜ୍ୟକୁ ଆଗେଇ ନେବାରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି ଏବଂ ଏହାକୁ ଯେତେଦୂର ସମ୍ଭବ ପୂରା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ସହ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ୧୨ଜଣିଆ ପ୍ରତିନିଧି ମଣ୍ଡଳୀର ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ପେନସନ ସହିତ ଚାକିରୀ ସର୍ତ୍ତାବଳି, ୧୯୯୪ ଅନୁଦାନ ନିୟମାନୁସାରେ ଅନୁଦାନ, ଗ୍ରେଡ଼ ପେ'ରେ ଥିବା ଅସଂଗତି ଦୂରୀକରଣ, ପୂର୍ଣ୍ଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ପାଇଁ ଜଇ ସ୍କିମର ପୂର୍ଣ୍ଣ ପ୍ରଚଳନ, ନୂତନ ଅନୁଦାନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରୀ କରଣ ଓ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କର ଥିବା ବିଭିନ୍ନ ସମସ୍ୟା , ୭ମ ବେତନ କମିଶନରୁ ବଞ୍ଚିତ ଶିକ୍ଷକ ମାନଙ୍କୁ ଏହି ହାରରେ ବେତନ ପ୍ରଦାନ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କର୍ମଚାରୀମାନଙ୍କ ସମସ୍ତ ଦାବିକୁ ଶୁଣିବା ସହିତ ଖୁବ ଶୀଘ୍ର ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ବୈଠକରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଳଲହଡାର ବିଧାୟକ ଅଶୋକ ମହାନ୍ତି ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝୀଙ୍କ ସମେତ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆବାହକ ରଂଜନ କୁମାର ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କେବଳ ଶିକ୍ଷା ନୁହେଁ, ଦାୟିତ୍ୱବାନ ନାଗରିକ ହୁଅନ୍ତୁ



**ଭୁବନେଶ୍ୱର,୨୭।୫ (ମହାଭାରତ):** କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ବରଂ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ଭାବେ ମାଟ୍ରିକ ଟପରମାନେ ଉତ୍କର୍ଷ ହାସଲ କରିବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୨୬ ତାରିଖ ଦିନ ରାଜଭବନରୁ ଅଭିଷେକ ହଲ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ୨୦୨୫ ମସିହା ବୋର୍ଡ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସ୍‌ଇ), ସେ୍ରାଲ୍ ବୋର୍ଡ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) ଏବଂ କାଉନସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକଜାମିନେସନ (ଆଇସିଏସ୍‌ଇ.) ଦ୍ୱାରା ଅନୁଷ୍ଠିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖି ଟପର ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଟପ୍ପରମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏତଦବ୍ୟତୀତ ପିତା ମାତାଙ୍କର ନିରନ୍ତର ସମର୍ଥନ, ତ୍ୟାଗ ଓ ସ୍ନେହ ପାଇଁ ତଥା ଶିକ୍ଷକମାନଙ୍କର ମାର୍ଗଦର୍ଶନ ଏବଂ ପରାମର୍ଶ ପାଇଁ କୃତୀ ଛାତ୍ରଛାତ୍ରୀମାନେ ସଫଳତାର ଶୀର୍ଷକ ସାଜିଥିବାରୁ ସେମାନଙ୍କୁ ମଧ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ। ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କୃତୀ ଟପରମାନେ ଶୃଙ୍ଖଳା, ପ୍ରତିବଦ୍ଧତା ଏବଂ ନିଷ୍ଠା ଦ୍ୱାରା କିପରି ସଫଳତା ହାସଲ କରାଯାଏ ତାହା ଦେଖାଇଛନ୍ତି। ଟପରମାନଙ୍କୁ ଉଜ୍ଜ୍ୱଳ ତାରକା ଭାବେ ଅଭିହିତ କରି ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା କେବଳ ବ୍ୟକ୍ତିଗତ ଉତ୍କର୍ଷତା ଓ ସ୍ଥିରତା ନୁହେଁ, ବରଂ ପିତାମାତା ଓ ଶିକ୍ଷକମାନଙ୍କ ଅଟଳ ପ୍ରୟାସକୁ ପ୍ରତିଫଳିତ କରେ। ଜ୍ଞାନର କରିଡର ଦେଇ ଆପଣଙ୍କ ସଫଳ ଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ। ଚରିତ୍ର ଏବଂ ସମ୍ବେଦନଶୀଳତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସେମାନଙ୍କର ଶୈକ୍ଷିକ ସଫଳତା ସମାଜର ନୀତିବାନ ଓ ପ୍ରଭାବଶାଳୀ ସଦସ୍ୟ ହେବା ପାଇଁ ମୂଳଦୁଆ ହୋ ଉଚିତ। ମାଟ୍ରିକ ସଫଳତା ଜୀବନର କେବଳ ଆରମ୍ଭ ସୋପାନ। ଜୀବନରେ ଆଗକୁ ଅନେକ ମାଇଲଖୁ ରହିଛି। ଶିଖିବା ପାଇଁ ନମ୍ରତା, ଅନୁସନ୍ଧାନ କରିବାର ସାହସ ଏବଂ ଅନ୍ୟମାନଙ୍କୁ ଆଗକୁ ନେବାର ମାନସିକତା ରଖିବାକୁ ସେ ପରାମର୍ଶ ଦେଇଥିଲେ।

# ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ଆର୍ଥିକ ବର୍ଷ ୨୫ରେ ବ୍ୟବସାୟିକ ବୃଦ୍ଧି

**ଭୁବନେଶ୍ୱର,୨୭।୫ (ମହାଭାରତ):** ଭାରତରେ ପ୍ରାକୃତିକ ପଥରଗୁଡିକର ଏକ ଅଗ୍ରଣୀ ପ୍ରକ୍ରିୟାକରଣକାରୀ ଏବଂ ଟ୍ରେଡର ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ତାହାର ବ୍ୟବସାୟିକ କାର୍ଯ୍ୟକଳାପରେ ରୂପାନ୍ତରଣ ଆଣିଛି, ଏବଂ ତାହା ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକ ନିମନ୍ତେ ଆର୍ଥିକ ଫଳାଫଳରେ ପ୍ରତିଫଳିତ ହୋଇଛି। କମ୍ପାନୀ ଗତବର୍ଷ ଚତୁର୍ଥ ତ୍ରୟମାସିକରେ ୬.୪୩ କୋଟି ଟଙ୍କା କ୍ଷତି କରିଥିବାବେଳେ ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକରେ ୫.୯୭ କୋଟି ଟଙ୍କା ନେଟ୍ ଲାଭ ଉପାର୍ଜନ କରିଛି। ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ଚାରିଗୁଣରୁ ଅଧିକ ବୃଦ୍ଧିପାଇ ୧୬.୬୬ କୋଟି ଟଙ୍କା ହୋଇଛି, ଯାହା ଆର୍ଥିକ ବର୍ଷ୨୪ର ଚତୁର୍ଥ ତ୍ରୟମାସିକରେ ୩.୦୧ କୋଟି ଟଙ୍କା ହୋଇଥିଲା, ଏବଂ ଏହାଦ୍ୱାରା ପୂର୍ବବର୍ଷର ଚତୁର୍ଥ ତ୍ରୟମାସିକ ତୁଳନାରେ ଆର୍ଥିକ ବର୍ଷ୨୫ର ସେହି ସମୟରେ କମ୍ପାନୀର ରାଜସ୍ୱ ଆୟରେ ୪୫୩% ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ନେଟ୍ ୮.୫୩ କୋଟି ଟଙ୍କା ଲାଭ ଉପାର୍ଜନ କରିଥିବା ପ୍ରକାଶ କରିଛି, ଅନ୍ୟପକ୍ଷରେ ଆର୍ଥିକ ବର୍ଷ ୨୩-୨୪ରେ ଏହା ୬.୪୮ କୋଟି ଟଙ୍କା ନେଟ୍ କ୍ଷତିର ସମ୍ମୁଖୀନ ହୋଇଥିଲା। ଆର୍ଥିକ ବର୍ଷ୨୪ରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ୩.୬୪ କୋଟି ଟଙ୍କା ଥିବାବେଳେ ଆର୍ଥିକ ବର୍ଷ୨୫ରେ ତାହା ୪୭୬% ବୃଦ୍ଧିପାଇ ୨୧.୦୨ କୋଟି ଟଙ୍କା ହୋଇଛି। ଓଡ଼ିଶାରେ କମ୍ପାନୀ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ନିକଟରୁ ବ୍ଲାକ ଗ୍ରାନାଇଟ ଖଣି ୩୦ ବର୍ଷ ଲିଜ୍ ସୂତ୍ରରେ ହାସଲ କରିଛି। ଓରିଏଣ୍ଟାଲ ଟ୍ରାଇମେକ୍ସ ଏହି ଖଣି ସ୍ଥଳରୁ ଏହାର ବାର୍ଷିକ ରାଜସ୍ୱ ଆୟ ୧୦ କୋଟିରୁ ୧୫ କୋଟି ଟଙ୍କା ହେବା ଆଶା କରୁଛି। ଏହି ଲିଜ୍ ୨୦୨୫ ମେ ୨୧ ତାରିଖରେ ଆନୁଷ୍ଠାନିକ ଭାବରେ କମ୍ପାନୀକୁ ପ୍ରଦାନ କରାଯାଇଥିବାବେଳେ ଏହା ମାଲକାନଗିରି ଜିଲ୍ଲାର ମୋଟୁ ତହସିଲ ଅଧୀନ ପୋଟ୍ଟେରୁ ଗ୍ରାମରେ ୪.୯୬୧ ହେକ୍ଟର ଅଞ୍ଚଳରେ ରହିଛି। ଏହି ଖଣିରେ ବ୍ୟବସାୟିକ କାର୍ଯ୍ୟକଳାପ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି, ଯାହା ଉନ୍ନତ ସମ୍ପଦର ମାଲିକାନା, ମୂଲ୍ୟ ପାରଦର୍ଶିତା ଏବଂ କ୍ୱାରୀ ଖନନ ଠାରୁ ଆବଣ୍ଟନ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ମୂଲ୍ୟ ଶୃଙ୍ଖଳକୁ ସଂଯୁକ୍ତ କରିବାରେ ଅବଦାନ ରଖିବ। ଏହି ଦୀର୍ଘସୂତ୍ରୀ ସମ୍ପତ୍ତି ଓରିଏଣ୍ଟାଲ ଟ୍ରାଇମେକ୍ସର ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଏବଂ ଲାଭଗତ ସ୍ଥିରତା କ୍ଷେତ୍ରରେ ମୂଳଦୁଆକୁ ସୁଦୃଢ଼ କରୁଛି।

# ଭାରତ ବିକାଶ ପରିଷଦର ପ୍ରାନ୍ତୀୟ କାର୍ଯ୍ୟଶାଳା

**ଭୁବନେଶ୍ୱର,୨୭।୫ (ମହାଭାରତ):** ଭାରତ ବିକାଶ ପରିଷଦ ଓଡିଶା ପୂର୍ବପ୍ରାନ୍ତର ପ୍ରାନ୍ତୀୟ କାର୍ଯ୍ୟଶାଳ, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ଠାରେ ଆୟୋଜିତ ହୋଇଯାଇଛି। ସଂଗଠନର ଲକ୍ଷ୍ୟ,ଉଦ୍ଦେଶ୍ୟ, ବିଚାର, ଉପଲବ୍ଧି, କାର୍ଯ୍ୟପଦ୍ଧତି, କାର୍ଯ୍ୟକର୍ତ୍ତା ନିର୍ମାଣ, ସଙ୍ଗଠନର ଆୟାମ ( ସଂଗଠନ, ସଂପର୍କ, ସେବା, ପର୍ଯ୍ୟାବରଣ, ମହିଳା ସହଭାଗିତା) ସମ୍ପର୍କରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ପୃଷ୍ଟପୋଷକ ପଦ୍ମଶ୍ରୀ ଡାକ୍ତର ଅଶୋକ ମହପାତ୍ର ଯୋଗ ଦେଇ ପରିଷଦର ମୂଳ ମନ୍ତ୍ର ସୁସ୍ଥ ସମର୍ଥ ସଂସ୍କାରିତ ଭାରତ ଗଠନ ସଂପର୍କରେ କାର୍ଯ୍ୟକର୍ତ୍ତାମାନଙ୍କୁ ଦିଗଦର୍ଶନ କରିଥିଲେ। ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଂଟିଆ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପରିଷଦର ସୈଦ୍ଧାନ୍ତିକ ଭୂମିକା, ସାଂଗଠନିକ ସଂରଚନା, ନିୟମ, ପ୍ରୋଟୋକୋଲ, ବୈଠକ ଏବଂ ସଂଗଠନର ପଂଚସୂତ୍ର ମାନଙ୍କ ବିଷୟର କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ । ପୂର୍ବକ୍ଷେତ୍ରର ସଂଯୁକ୍ତ ମହାସଚିବ ଡାକ୍ତର ପୁରୁଷୋତ୍ତମ୍ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକର୍ତ୍ତା ନିର୍ମାଣ, ପଂଚ ପରିବର୍ତ୍ତନ ସଂପର୍କରେ କାର୍ଯ୍ୟକର୍ତ୍ତା ମାନଙ୍କୁ ବିସ୍ତୃତ ଭାବେ ଅବଗତ୍ କରାଇଥିଲେ। ପୂର୍ବତନ ଅଖିଳ ଭାରତୀୟ ଉପସଭାପତି ସଚ୍ଚିଦାନନ୍ଦ ପଣ୍ଡା ମାର୍ଗଦର୍ଶନ କରିଥିଲେ।

ଓଡ଼ିଶା ପୂର୍ବ ପ୍ରାନ୍ତର ଅଧକ୍ଷ ସତ୍ୟବାଦୀ ଦାଶଙ୍କ ଅଧକ୍ଷତାରେ ତଥା ମହାସଚିବ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରାନ୍ତୀୟ କାର୍ଯ୍ୟଶାଳାରେ କାର୍ଯ୍ୟକର୍ତ୍ତା ମାନଙ୍କୁ ଚଳିତ ବର୍ଷ ସମାଜର ୧୫୦୦ ରୁ ଅଧିକ ସମାଜର ସମ୍ପର୍ଣ୍ଣ ଓ ପ୍ରଭାବୀ ବ୍ୟକ୍ତିଙ୍କୁ ସାମିଲ୍ କରାଇବା, ଚଳିତି ବର୍ଷ ୨୦ ଟି ନୂଆ ଶାଖା କରାଇବା, ୧୦୦୦ରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା, ଆନିମିଆ ମୁକ୍ତ ଭାରତ ଅନ୍ତର୍ଗତ ୫୦୦୦୦ ମହିଳାଙ୍କୁ ସଚେତନ କରାଇବା। ସମାଜରେ ମୂଖ୍ୟସୋତ୍ରରେ ସାମିଲ୍ ହେବାର କୌଶଳ ମହିଳାଙ୍କୁ ଶିଖାଇବା। ୫୦,୦୦୦ ବୃକ୍ଷରୋପଣ, ୧୦୦୦ ଆର୍ଥିକ ଅନଗ୍ରସର ଦକ୍ଷତା ଥିବା ଯୁବକ ଯୁବତୀ ମାନଙ୍କୁ ତାଲିମ ପ୍ରଦାନରେ ସହଯୋଗ କରିବା । ପ୍ରତି ଶାଖାରେ ଅନୁନ୍ୟୁ ୧୦୦ ଟି ପରିବାରକୁ ସଂସ୍କାରିତ କରାଇବା । ଚଳିତ ବର୍ଷ ୧୦୦୦ ବିଦ୍ୟାଳୟ ଭାରତ ସମ୍ବନ୍ଧରେ ଜାଣିବା ପ୍ରଶ୍ନ ମଂଚ କାର୍ଯ୍ୟକ୍ରମ ' ଭାରତ କୋ ଜାନୋ' , ସେହିପରି ଦେଶାତ୍ମକବୋଧ ସଙ୍ଗୀତ ପରିବେଷଣ ' ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ଆୟୋଜନା ହେବେ ନେଇ ରୋଡ଼ମ୍ୟାପ ପ୍ରସ୍ତୁତ ହୋଇଛି । ଗୁରୁ ଦିବସରେ ଗୁରୁମାନଙ୍କୁ ସମ୍ମାନିତ କରିବା ତଥା ମେଧାବୀ ଛାତ୍ରମାନଙ୍କୁ ଅଭିନନ୍ଦନ କରିବା ପାଇଁ 'ଗୁରୁ ବନ୍ଦନ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ପାଇଁ ଲକ୍ଷ୍ୟ ରଖାଯାଇଛି।

# ଆର୍ଥିକ ସାକ୍ଷରତା ହେଉଛି ସଶକ୍ତୀକରଣର ଚାବିକାଠି

**ଭୁବନେଶ୍ୱର,୨୭।୫ (ମହାଭାରତ):** ଗାର୍ଡେନ ରିଚ୍ ଶିପ୍‌ବିଲ୍ଡର୍ସ ଓ ଇଞ୍ଜିନୀୟର୍ସ ଲିମିଟେଡ୍ (ଜିଆର୍‌ଏସ୍‌ଇ)ର ନିଦେଶକ (ଅର୍ଥ) ଭାବରେ ଶ୍ରୀ ଆର୍.କେ ଦାଶ ଜଣେ ଅଭିଜ୍ଞ ଆର୍ଥିକ ପେସାଦାର ଏବଂ ବିଭିନ୍ନ ଶିଳ୍ପରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ନିଜର ଅଭିନବ ଚିନ୍ତାଧାରା ଏବଂ ପରିବର୍ତନଶୀଳ ଆର୍ଥିକ ରଣନୀତି ପାଇଁ ଜଣାଶୁଣା ସେ ଅନେକ ସଂଗଠନର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏକ ଗଭୀର ବାର୍ତାଳାପରେ ଶ୍ରୀ ଦାଶ କେବଳ କର୍ପୋରେଟ୍ ମାନଙ୍କ ପାଇଁ ନୁହେଁ, ବ୍ୟକ୍ତିବିଶେଷ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ମଧ୍ୟ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ମତରେ, ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ଗଣିତ ଭଳି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ ଏହା ପ୍ରାୟତଃ ଏକ ଦକ୍ଷତାକୁ ଅବହେଳା କରିଥାଏ ଯାହା ଦୈନନ୍ଦିନ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥାଏ – ବ୍ୟକ୍ତିଗତ ଆର୍ଥିକ ପରିଚାଳନା । ଆର୍ଥିକ ଜ୍ଞାନର ଅଭାବ ଅନେକ ସମୟରେ ଆର୍ଥିକ ସମସ୍ୟା ସୃଷ୍ଟି କରିଥାଏ, ଯାହା ଖାଦ୍ୟ, ଆଶ୍ରୟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତାକୁ ସିଧାସଳଖ ପ୍ରଭାବିତ କରିଥାଏ । ଆର୍ଥିକ ସାକ୍ଷରତା ବିଳାସ ନୁହେଁ, ଏହା ଏକ ଆବଶ୍ୟକତା। ଏହି ଧାରଣାକୁ ସରଳ ଶବ୍ଦରେ ବର୍ଣ୍ଣନା କରି ଶ୍ରୀ ଦାଶ ଆର୍ଥିକ ସାକ୍ଷରତାକୁ ସାଧାରଣ ସାକ୍ଷରତା ସହ ତୁଳନା କରିଥିଲେ। 'ଯେପରି ସାକ୍ଷରତା ଜଣେ ବ୍ୟକ୍ତିଙ୍କୁ ପଢିବା ଏବଂ ଲେଖିବାରେ ସକ୍ଷମ କରେ, ଆର୍ଥିକ ସାକ୍ଷରତା ଜଣେ ବ୍ୟକ୍ତିଙ୍କୁ ବୁଦ୍ଧିମତା ସହିତ ଅର୍ଥ ପରିଚାଳନା କରିବାକୁ ସକ୍ଷମ କରେ – ଯୋଜନା କରିବା, ସଂଚୟ କରିବା, ସାବଧାନତାର ସହ ଖର୍ଚ୍ଚ କରିବା ଏବଂ ନିବେଶ କରିବା । ଏହା ବ୍ୟକ୍ତିବିଶେଷଙ୍କୁ ସୁଚିନ୍ତିତ ଆର୍ଥିକ ନିଷ୍ପତି ନେବାରେ ସାହାଯ୍ୟ କରିଥାଏ ଯାହା ଅଧିକ ସୁରକ୍ଷିତ ଜୀବନ ନେଇଥାଏ।

# ଉଚ୍ଚଶିକ୍ଷାରେ ଭାରତ ବିଶ୍ୱସ୍ତ ଅଂଶୀଦାର ଭାବରେ ଉଭା ହୋଇଛି

**ଭୁବନେଶ୍ୱର,୨୭।୫ (ମହାଭାରତ):** ଭାରତରେ ନିଜର ଏକ କ୍ୟାମ୍ପସ ସ୍ଥାପନ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀଠାରେ ୟୁକେର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ ଲିଭରପୁଲ ବିଶ୍ୱବିଦ୍ୟାଳୟକୁ ଲେଟର ଅଫ୍ ଇଣ୍ଟେଣ୍ଟପତ୍ର ହସ୍ତାନ୍ତର କରିଛନ୍ତି। ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଅଧୀନରେ ଦ୍ୱିତୀୟ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବରେ ଏହାକୁ ଏଲଓଆଇ ଜାରି କରାଯାଯାଇଛି।

ଏହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସ୍ୱାଗତ କରିବା ସହ କହିଛନ୍ତି ଯେ ବିଶ୍ୱସ୍ତରୀୟ ଉଚ୍ଚ ଶିକ୍ଷାରେ ଭାରତ ବିଶ୍ୱସ୍ତ ଅଂଶୀଦାର ଭାବରେ ଉଭା ହୋଇଛି। ଆଜିର ଏଲଓଆଇ ତାହାର ଏକ ପ୍ରତିଫଳନ। ଜାତୀୟ ଶିକ୍ଷାନୀତିର ପରାମର୍ଶ ଅନୁସାରେ ଭାରତର ଶୈକ୍ଷିକ ସହଯୋଗକୁ ଆଗେଇ ନେବା ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଥାକୁ ଦୋହରାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ମହତ୍ୱାକାଂକ୍ଷାକୁ ସାକାର କରିବା ଦିଗରେ ଜାତୀୟ ଶିକ୍ଷା ନୀତି ଏକ



ଚାବିକାଠି ଭାବରେ ଅବତୀର୍ଣ୍ଣ ହୋଇଛି। ମୂଳ, ଭବିଷ୍ୟତବାଦୀ ଏବଂ ବିଶ୍ୱସ୍ତରୀୟ ଶିକ୍ଷାକୁ ପ୍ରୋତ୍ସାହନ ଦେଉଥିବା ଜାତୀୟ ଶିକ୍ଷା ନୀତିର ପ୍ରମୁଖ ପରାମର୍ଶ ହେଉଛି ବୈଶ୍ୱିକ ନାଗରିକ ସୃଷ୍ଟି କରିବା। କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ଗବେଷଣା, ବିକାଶ ଏବଂ ନବସୃଜନ ଭଳି କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଲିଭରପୁଲ ବିଶ୍ୱବିଦ୍ୟାଳୟ ନବସୃଜନ ସହ ଷ୍ଟେମ ସମ୍ବନ୍ଧୀୟ ଗବେଷଣା ଉପରେ ଧ୍ୟାନ ଦେବା ଉପରେ ପ୍ରାଥମିକତା ଦେଉଥିବାରୁ ଖୁସିପ୍ରକାଶ କରିଥିଲେ। ସେ କହିଥିଲେ ବିଶ୍ୱ ନାଗରିକରୁ ନୂଆପିଢି ତିଆରି କରିବା ଗୁରୁତ୍ୱପୂର୍ଣ୍ଣ। ଭାରତରେ 'ଇନୋଭେସନ ସେଣ୍ଟର' ବିଶ୍ୱବିଦ୍ୟାଳୟ ଏବଂ ସମାଜ ଉଭୟ ପାଇଁ ପାରସ୍ପରିକ ଭାବରେ ଲାଭଦାୟକ ହେବ। ଶ୍ରୀ ପ୍ରଧାନ କହିଥିଲେ ଯେ ଲିଭରପୁଲ ବିଶ୍ୱବିଦ୍ୟାଳୟ ହେଉଛି ଭାରତରେ ନିଜର ଉପସ୍ଥିତି ଘୋଷଣା କରିବାରେ ଚତୁର୍ଥ ବିଦେଶୀ ବିଶ୍ୱବିଦ୍ୟାଳୟ। ଚଳିତ ଶିକ୍ଷା ବର୍ଷ ସୁଦ୍ଧା ବିଶେଷକରି ଷ୍ଟେମ୍ (ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ମେଡିସିନ୍ ଏବଂ ବିଜନେସ) ଶିକ୍ଷାରେ ୧୫ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତକୁ ଆସିବେ। ବେଙ୍ଗାଲୁରୁରେ ଲିଭରପୁଲ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଏକ ବିଶ୍ୱସ୍ତରୀୟ କ୍ୟାମ୍ପସ ହେବ, ଯାହା ଗବେଷଣା ଏବଂ ନବସୃଜନର ସୀମାକୁ ଆଗକୁ ବଢ଼ାଇବ।

# ଟୟୋଟା ଫର୍ଚୁନର ଏବଂ ଲେଜେଣ୍ଡର ୩ ଲକ୍ଷ ବିକ୍ରୟ

**ଭୁବନେଶ୍ୱର,୨୭।୫ (ମହାଭାରତ):** ଭାରତର ପ୍ରିମିୟମ୍ ଏସୟୁଭି ବଜାରରେ ନିଜର ପ୍ରଭାବଶାଳୀ ଉପସ୍ଥିତିକୁ ସୁଦୃଢ଼ କରି, ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସମ୍ପର୍କରେ ଘୋଷଣା କରିଛି। ଫର୍ଚୁନର ଏବଂ ଲେଜେଣ୍ଡରର ୩ ଲକ୍ଷ ୟୁନିଟର କ୍ରମବର୍ଦ୍ଧିତ ବିକ୍ରୟ ହାସଲ କରିଛନ୍ତି। ଏହି ସଫଳତା କେବଳ ଏହି ପ୍ରିମିୟମ୍ ଏସୟୁଭି ଗୁଡ଼ିକର ଅତୁଳନୀୟ ଲୋକପ୍ରିୟତାକୁ ନୁହେଁ ବରଂ ନିର୍ଭରଯୋଗ୍ୟ ଏବଂ ଉଚ୍ଚ-କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ଟୟୋଟାର ପ୍ରତିବଦ୍ଧତାକୁ ଦର୍ଶାଇଛି। ୨୦୦୯ ମସିହାରେ ଏହାର ପ୍ରଥମ ପ୍ରଦର୍ଶନ ପରଠାରୁ, ଟୟୋଟା ଫର୍ଚୁନର ଦୀର୍ଘ ସମୟ ଧରି ଏସୟୁଭି ସେଗମେଂଟରେ ଏକ ମାନଦଣ୍ଡ ହୋଇଆସିଛି। ଏକ ଦୃଢ଼ ୨.୮ଲିଟର ଡିଜେଲ ଇଞ୍ଜିନ ସହିତ ଏକ ପ୍ରଭାବଶାଳୀ ୨୦୪ ପିଏସ ଶକ୍ତି ଏବଂ ୫୦୦ ଏନଏମ ଟର୍କ ସୃଷ୍ଟି କରିବାକୁ ସକ୍ଷମ। ଏହାକୁ ଦୁଃସାହସିକ ଏବଂ ଡ୍ରାଇଭିଂ ଉତ୍ସାହୀମାନେ ପସନ୍ଦ କରିଥାନ୍ତି। ଟୟୋଟାର ପ୍ରମାଣିତ ଲାଡର-ଫ୍ରେମ୍ ସ୍ଥାପତ୍ୟ ଏବଂ ଉନ୍ନତ ୪x୪ କ୍ଷମତା ନିଶ୍ଚିତ କରେ ଯେ, ଫର୍ଚୁନର ପ୍ରତ୍ୟେକ ଯାତ୍ରାରେ ଏକ ନିର୍ଭରଯୋଗ୍ୟ ସାଥୀ।

ଟୟୋଟା ଫର୍ଚୁନର ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର ଖୋଦନ ବାହ୍ୟ ରେଖା, ସିଗ୍ନେଚର ଖରା ଆଲୋକ ଏବଂ ପରିଷ୍କୃତ ପ୍ରିମିୟମ୍ ଆଭ୍ୟନ୍ତରୀଣ ଏକ ଯାନକୁ ପ୍ରତିଫଳିତ କରେ। ୨୦୨୧ ରେ ପ୍ରଚଳିତ ହୋଇଥିବା ଲେଜେଣ୍ଡର, ଆଧୁନିକ, ସହରାଂଚଳ ଡ୍ରାଇଭରଙ୍କ ପାଇଁ ଡିଜାଇନ୍ କରାଯାଇଥିବା ଏକ ଅଧିକ ବିଳାସପୂର୍ଣ୍ଣ ଏବଂ ବୈଶିଷ୍ଟ୍ୟ-ପ୍ୟାକ୍ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ। ସ୍ୱତନ୍ତ୍ର ଡୁଆଲ୍-ଟୋନ୍ ଷ୍ଟାଇଲିଂ, କ୍ରମିକ ଏଲଇଡି ଟର୍ଣ୍ଣ ଇଣ୍ଡିକେଟର୍, ୱାୟାରଲେସ୍ ଚାର୍ଜିଂ ଏବଂ ଏକ ୧୧-ସ୍ପିକର୍ ଜେବିଏଲ ଅଡିଓ ସିଷ୍ଟମ୍ ବିଶିଷ୍ଟ, ଲେଜେଣ୍ଡର ଏକ ଅଧିକ ପରିଷ୍କୃତ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରିଥାଏ। ଉନ୍ନତ ୪x୪ କ୍ଷମତା ସହିତ, ଲେଜେଣ୍ଡର ଅଫ୍-ରୋଡ୍ ଏବଂ ସହର ଆଡଭେଂଚର ଉଭୟ ପାଇଁ ଏକ ଆଦର୍ଶ ସାଥୀ।

# ଶିକ୍ଷା ବ୍ୟବସ୍ଥା

ନକଲି ବା ଭେଜାଲ ବେପାରରେ ଏତେ ଲାଭ ଯେ ଏଥିରେ ଯିଏ ଥରେ ପଶିଛି ସେ ଏହାର ମୋହ ଛାଡ଼ିପାରୁନି। କାଁ ଭାଁ କିଏ କେମିତି ଧରାପଡ଼ି କିଛି ଦିନ ପାଇଁ ଜେଲ ଯାଉଛନ୍ତି, ପୁଣି ଜେଲରୁ ବାହାରି ପୂର୍ବ ପରି ଭେଜାଲ କାରବାର ଚଳାଉଛନ୍ତି। କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି। କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି। ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ। କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି। ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି। ଚା' ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି। ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି। ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି। ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ। ଏହା ଏକ ଗର୍ହିତ ଅପରାଧ। ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ।

# ସାଧୁ - ସର୍ବ ଭୂତ ହିତେ ରତଃ


॥ ହେମନ୍ତ କୁମାର ପରିଡ଼ା ॥


“

*;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।*

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ୱୋଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଲମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜ୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ତ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ତ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ତ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୂଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ


॥ ଗୋପାଳ ମହାପାତ୍ର ॥


ଏବେ ଶୀତରତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା


॥ ଉମେଶ ଚନ୍ଦ୍ର ପାତ୍ର ॥


ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - “ ”ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର



ନବରଙ୍ଗପୁର, (ମହାଭାରତ) : ସୀମାନ୍ତ ରାଇଘର ବ୍ଲକ ସମିତିର କକ୍ଷ ଠାରେ ଆଜି ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ରେ ରାଇଘର ବ୍ଲକ ର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୪ ଗୋଟି ଆପରି ଅଭିଯୋଗ ର ପଞ୍ଜୀକରଣ କରାଯାଇଥିଲା। ଏହି ମଧ୍ୟରୁ ୧୪ଗୋଟି ଗୋଷ୍ଠୀ ଗତ ସମସ୍ୟା ରହିଥିବା ବେଳେ ୨୪ ଗୋଟି ବ୍ୟକ୍ତି ଗତ ଆପରି ଅଭିଯୋଗ ରହିଥିଲା ଓ ୬ଗୋଟି ସମସ୍ୟା ର ତ୍ୱରିତ ସମାଧାନ ଶିବିରରେ କରାଯାଇଥିଲା ।ଏଥିରେ ମୁଖ୍ୟ ଅଭିଯୋଗ ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀ ବିନା କୌଣସି ବିଜ୍ଞାପନ ରେ ବର୍ଷ ବର୍ଷ ଧରି ନିଯୁକ୍ତ ଶିବିର ରେ ପୋଷାକ ବାହାରୁ ଥିବା ଛତୁଆ ବଣ୍ଟନ, ଚାଷୀ ମଣ୍ଡି ରେ ଧାନ ଦେଇ ଟଙ୍କା ନ ପାଇବା, ଅଙ୍ଗନବାଡି ପ୍ରି ସ୍କୁଲ ପିଲା ଙ୍କ ଡ୍ରେସ ବଣ୍ଟା ସହ ବିଦ୍ୟୁତ୍ ସଂଯୋଗି କରଣ, ବୋରୱେଲ, ଜମିବାଡ଼ି, ବିକଳାଙ୍ଗ ଆଦି ବହୁବିଧ ସମସ୍ୟା ଉପରେ ଆପରି ଅଭିଯୋଗ ଉପ ଜିଲ୍ଲାପାଳ, ଏ ଡି ଏମ, ଆରକ୍ଷୀ ଅଧିକ୍ଷକ, ବ୍ଲକ ଅଧକ୍ଷ ଶୁଣି ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହି ଜନଶୁଣାଣି ଶିବିର ରେ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା,ଏ ଡି ଏମ ତପନ କୁମାର ଖୁଣ୍ଟିଆ,ଡି ଏସ ଡବ୍ଲ୍ୟୁ ଓ ଦ୍ରୌପଦୀ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପଣ୍ଡାଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣ, ସହ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ସ୍ଥାନୀୟ ତହସିଲଦାର ରିତୁ ସିଂ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଙ୍କ ସହ ସମସ୍ତ ବିଭାଗର ଅଧିକାରିଗଣ ପ୍ରମୁଖ ଯୋଗ ଦେଇଥିଲେ ।

## ସିନାପାଲି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଖଡ଼ିଆଲ, (ମହାଭାରତ) : ନୂଆପଡା ଜିଲ୍ଲା ସ୍ଥିତ ସିନାପାଲି ବ୍ଲକ ସଭାଗୃହ ରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆପଡା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଆଜି ଜିଲ୍ଲାପାଳଙ୍କ ଦାୟିତ୍ୱ ନିର୍ବାହ କରି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କରାଇଥିଲେ । ଆଜିର ଏହି ଜନଅଭିଯୋଗ ଶୁଣାଣି ଶିବିରରେ ନୂଆପଡା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଗୁରୁ ପ୍ରସାଦ ଜେନା, ସିନାପାଲି ବ୍ଲକ୍ ଅଧକ୍ଷା ମାଧୁରୀ ମାଝୀ, ସିନାପାଲି ଗୋଷ୍ଠୀଉନ୍ନୟନ ଅଧିକାରୀ କାର୍ମୀ ଓରାମ, ସିନାପାଲି ତହସିଲଦାର ଉପାଞ୍ଜଳୀ ମାଝୀ ଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲା ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ଡେପୁଟୀ କଲେକ୍ଟର ଶେଖ୍ ନସୀମ ପରିଚାଳନା କରିବାରେ ସହଯୋଗ କରିଥିଲେ। ନୂଆପଡା ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ମାନେ ଏହି ଅଭିଯୋଗ ଶୁଣାଣି ଶିବିରରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୪୮ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ଗୋଷ୍ଠୀ ଗତ ମୋଟ ୬୦ ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଗୁଡିକର ଶୁଣାଣି ହୋଇଥିଲା। ପରେ ଅତିରିକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ରାଣୀମୁଣ୍ଡା ଗ୍ରାମ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ସଚେତନତା ସଭା ପରେ ରାଣୀମୁଣ୍ଡା ଗ୍ରାମପଞ୍ଚାୟତରେ ସମସ୍ତ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା ଓ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ନୂଆପଡା ତରଫରୁ ମଧ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରାଯାଇଥିଲା ଯେଉଁଥିରେ ୧୮୮ ଗୋଟି ବଡ଼ ଏବଂ ୨୩ଗୋଟି ଛୋଟ ମୋଟ ୨୧୧ ଗୋଟି ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରାଯାଇଥିଲା । ଅପର ପକ୍ଷେ ଜନ ଶୁଣାଣି ଶିବିର ଉପଲକ୍ଷେ ନୀଳଜି ଗ୍ରାମ ବିଦ୍ୟାଳୟ ରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ୨୭ ଜଣ ରକ୍ତଦାତା ରକ୍ତଦାନ କରିଥିଲେ ।

## ଯୁବକଙ୍କୁ ତୀର ମାଡ: ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

କରଞ୍ଜିଆ, (ମହାଭାରତ): ସମ୍ପର୍କୀୟ ମାମୁଁ ର ତୀର ମାଡରେ ଜଣେ ଯୁବକ ଆହତ ହୋଇଛନ୍ତି ।ଆହତ ଯୁବକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡ଼ା ଗ୍ରାମର ଜିରୁଙ୍ଗ ସାହି ବିଶ୍ୱରାୟ ବଦ୍ରା ବୋଲି ଜଣାପଡ଼ିଛି । ସୋମବାର ସନ୍ଧ୍ୟାରେ ତୀର ମାଡ ଘଟଣା ଘଟିଥିବା ବେଳେ ହାତରେ ତୀର ବିଦ୍ଧ ଅବସ୍ଥାରେ ମଙ୍ଗଳବାର ସକାଳେ ଯୁବକ ଜଣକୁ ପରିବାର ଲୋକେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଛନ୍ତି । ଘଟଣା ରୁ ପ୍ରକାଶ ଯେ ତୀର ମାଡ ରେ ଆହତ ବିଶ୍ୱରାୟ ଙ୍କ ସମ୍ପର୍କୀୟ ମାମୁଁ ରାଧେଶ୍ୟାମ ବାନ୍ଧିଆ (୬୫) ସାନ୍ଧ୍ୟ ବେଳେ ବିଶ୍ରା ଙ୍କ ୯ ବର୍ଷ ର ଝିଅ କୁ ଆମ୍ବ ଖାଇବାକୁ ଘରୁ ଡାକି ନେଇଥିଲେ ।ନାବାଳିକାଙ୍କ ମା ସନ୍ଦେହ କରି ତାଙ୍କ ପଛେ ପଛେ ଯାଇ




ଥିଲେ ।ସମ୍ପର୍କୀୟ ମାମୁଁ ତାଙ୍କ ନାବାଳିକା ଝିଅ ଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରୁ ଥିବା ଦେଖି ନା ବାଳିକା ଙ୍କ ମା ସମ୍ପର୍କୀୟ ମାମୁଁ ଙ୍କୁ ଘଟଣାସ୍ଥଳ ରେ ପିଟି ଥିଲେ ।ପରେ ସେଠାରୁ ନାବାଳିକା ଝିଅ କୁ ନେଇ ଘରକୁ ଫେରିଥିଲେ ।ମାଡ ଖାଇଥିବା ସମ୍ପର୍କୀୟ ମାମୁଁ ରାଧେଶ୍ୟାମ ନିଜ ଘରକୁ ଯାଇ ଧନୁ ଧରି ଆସି ନାବାଳିକା ଙ୍କ ବାପା ଙ୍କୁ ସଂଧ୍ୟା ରେ ତୀର ମାରି ଥିଲେ ।ତୀର ଯାଇ ତାଙ୍କ ହାତରେ ବାଜିଥିଲା ।ତୀର ବିଦ୍ଧ ଅବସ୍ଥାରେ ବିଶ୍ରା ଭୟରେ ଘରେ ରାତିରେ ରହିଥିଲେ ।ସକାଳେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ।ପରେ ନା ବାଳିକା ଙ୍କ ମା ଠାକୁରମୁଣ୍ଡା ଥାନାରେ ଝିଅ କୁ ବଳାତ୍କାର ଉଦ୍ୟମ ଅଭିଯୋଗ କରି ବା ସହ ସ୍ୱାମୀ କୁ ତୀର ମାଡ ର ଅଭିଯୋଗ କରିଥିଲେ ।ତୀର ମାଡ କରିଥିବା ସମ୍ପର୍କୀୟ ମାମୁଁ ଫେରାର ହୋଇ ଯାଇଛନ୍ତି ।ଠାକୁରମୁଣ୍ଡା ଥାନା ପୋଲିସ କେଶ ନମ୍ବର ୫୦ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ କରୁଛି ।ସ୍ୱାସ୍ଥ୍ୟ କେନ୍ଦ୍ର ରେ ତୀର କୁ ଡାକ୍ତର ହାତରୁ ବାହାର କରିଛନ୍ତି ।

# ଆଦର୍ଶ ବିଦ୍ୟାଳୟରେ ଚିନ୍ତା ବଢ଼ାଉଛି ପରୀକ୍ଷା ଫଳ : ୫ ସ୍କୁଲ୍‌ରେ ୨୩ ଛାତ୍ରଛାତ୍ରୀ ଫେଲ

ନୟାଗଡ଼, (ମହାଭାରତ) : ଇଂରାଜୀ ମାଧ୍ୟମିକ ସ୍କୁଲ ଗୁଡ଼ିକରେ ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ୁଥିବା ଦେଖି ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଥିଲେ । ଇଂରାଜୀ ମାଧ୍ୟମିକ ସ୍କୁଲ ଗୁଡ଼ିକ ସହ ତାଳ ଦେଇ ଏହି ସ୍କୁଲ ଗୁଡ଼ିକରେ ସବୁ କିଛି ବ୍ୟବସ୍ଥା କରାଯାଇଛି । ବଛା ବଛା ଶିକ୍ଷକ ଓ ସ୍କୁଲରେ ଶୈକ୍ଷିକ ବାତାବରଣ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି । ମାତ୍ର ଚଳିତ ମାଟ୍ରିକ୍ ପରିକ୍ଷାରେ ପାଞ୍ଚଟି ସ୍କୁଲରେ ୨୩ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏ ସମସ୍ତ ଛାତ୍ରଛାତ୍ରୀ ଗଣିତ, ଇଂରାଜୀ ଓ ବିଜ୍ଞାନ ପରି ବିଷୟରେ ଫେଲ୍ ହୋଇଥିବା ଜଣାପଡ଼ିଛି । ବିଶେଷକରି ପ୍ରଶାସନିକ ଓ ରାଜନେତାଙ୍କ କୋଟାରେ ଯେଉଁମାନେ ନାଁ ଲେଖାଉଛନ୍ତି, ସେମାନେ ହିଁ ଫେଲ୍ ହେଉଥିବା ଚର୍ଚ୍ଚା ଚାଲିଛି । ଜିଲ୍ଲା ଶିକ୍ଷା ବିଭାଗର ସୂଚନା ମୁତାବକ ଭାପୁର ବ୍ଲକ୍ ଫତେଗଡ଼ ଆଦର୍ଶ ବିଦ୍ୟାଳୟରେ ୫ ଜଣ, ଦଶପଲ୍ଲାରେ ସର୍ବାଧିକ ୧୧ ଜଣ, ନୟାଗଡ଼ ବ୍ଲକ୍ ନୋଡ଼ରରେ ୩ ଜଣ, ଓଡ଼ଗାଁରେ ୨ ଜଣ ଓ ରଣପୁର ବ୍ଲକରେ ୨ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି । କେବଳ ଖଣ୍ଡପଡ଼ା ବ୍ଲକରେ ସମସ୍ତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଦଶପଲ୍ଲାରେ ୧୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ ଜଣ କେବଳ ଗଣିତ, ୪ ଜଣ ଉଭୟ ଗଣିତ ଏବଂ ବିଜ୍ଞାନରେ ଫେଲ୍ ହୋଇଛନ୍ତି। ଫତେଗଡ଼ରେ ବି ସମାନ ଅବସ୍ଥା । ସେଠାରେ ବି ୪ ଜଣ ଛାତ୍ର ଗଣିତ ଓ ଜଣେ ବିଜ୍ଞାନରେ ଫେଲ୍ ହୋଇଛନ୍ତି। ଅନ୍ୟ ତିନି ସ୍କୁଲରେ ଗଣିତ, ବିଜ୍ଞାନ ଓ ଇଂରାଜୀ ଫେଲ୍ ହେଉଥିବା ଛାତ୍ରଛାତ୍ରୀ ରହିଛନ୍ତି। ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ହେଲେ ପ୍ରବେଶିକା ପରୀକ୍ଷା ଦେବାକୁ ହୁଏ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ହିଁ କେବଳ ଆଦର୍ଶ ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଆନ୍ତି। ସେମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ଚୟନ କରାଯାଇଛି । ଇଂରାଜୀ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଯେମିତି କଥୋପକଥନ କରାଯାଏ, ଆଦର୍ଶ ବିଦ୍ୟାଳୟରେ ମଧ୍ୟ ସେମିତି କରାଯିବାକୁ ନିୟମ କରାଯାଇଛି । ଏଣୁ ଏହି ତିନି ସ୍କୁଲର ଛାତ୍ରଛାତ୍ରୀ ଗଣିତ, ବିଜ୍ଞାନ ଓ ଇଂରାଜୀରେ ଫେଲ୍ ହେବା ଘଟଣା ସହଜରେ ଗ୍ରହଣ କରି ହେଉ ନାହିଁ । ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ମାନେ ଏହି ସ୍କୁଲ୍ ଗୁଡ଼ିକରେ ପାଠପଢ଼ା କେମିତି ହେଉଛି, ଏହାର ତଦାରଖ କରୁନଥିବା ଅଭିଯୋଗ ହୋଇଛି । ଏଣୁ କେବଳ ବିଦ୍ୟାଳୟକୁ ଆଦର୍ଶ କରିଦେଲେ ହେବନି, ଏ ନେଇ ମଧ୍ୟ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯିବା ପାଇଁ ସାଧାରଣରେ ଦାବି ହୋଇଛି । ଅଧିକାଂଶ ଆଦର୍ଶ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ଶିକ୍ଷକ ନଥିବା ବେଳେ ଜିଲ୍ଲାରେ ଲଗାତାର ଭାବେ ଭଲ ପ୍ରଦର୍ଶନ କରୁଥିବା ନୋଡ଼ର ଆଦର୍ଶ ବିଦ୍ୟାଳୟରେ ବର୍ଷେ ରୁ ଊର୍ଦ୍ଧ୍ୱ ହେବ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି । ଏ ନେଇ ଗତ ସପ୍ତାହରେ ଜିଲ୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉକ୍ତ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ ।

# ଜାତୀୟ ରାଜପଥ ଇଫକୋ ଛକରେ ନିର୍ମାଣ ହେଲା ଗୋଲେଇ ଛକ

ପାରାଦୀପ, (ମହାଭାରତ) : ଆଉ ହେବ ନାହିଁ ବିଶେଷ ଦୁର୍ଘଟଣା, ଆଉ ହେବ ନାହିଁ ଟ୍ରାଫିକ ର କଟକଣା, ଲୋକେ ସୁବିଧାରେ ଯାତାୟାତ କରି ପାରିବେ , ହାଲୁକା ଯାନ ଓ ଭାରି ଯାନ ମଧ୍ୟ ସୁରୁଖୁରୁରେ ଯାତାୟାତ କରି ପାରିବ । ତେବେ ଏହା ଖୁବ୍ ଶୀଘ୍ର ପ୍ରତିଫଳିତ ହେବାକୁ ଯାଉଛି ଇଫକୋ ଛକ ନିକଟରେ । ବହୁ ପ୍ରତିକ୍ଷା ର ଅନ୍ତ ଘଟାଇ ଇଫକୋ ଏକ ବହୁ ଲୋକାଭିମୁଖୀ କାର୍ଯ୍ୟ ନିଜ ହାତକୁ ନେଇ ଜାତୀୟ ରାଜପଥ ଉପରେ ନିର୍ମାଣ କରିବାକୁ ଯାଉଛି ଏକ ଗୋଲେଇ ଛକ ଯାହା ଦ୍ୱାରା ସର୍ବ ସାଧାରଣଙ୍କ ସମେତ ପରିବହନ ବ୍ୟବସାୟରେ ନିୟୋଜିତ ବହୁ ଗାଡ଼ି ମୋଟର ଏଥିରେ ଉପକୃତ ହୋଇ ପାରିବେ । ତେବେ ଏହା କେବଳ ସମ୍ଭବ ହୋଇ ପାରିଛି ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଇଫକୋ କମ୍ପାନୀ ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟ ଶଙ୍କର ଅଓ୍ୱସ୍ତି ଙ୍କ ଆନ୍ତରିକତା ଇଚ୍ଛା ଶକ୍ତି ବଳରେ । ତେବେ ଜାତୀୟ ରାଜପଥ ରେ ପାରାଦୀପ ର ଦୋଛକି ଠାରୁ ଅଠର ବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଯାନବାହାନ ଚଳାଚଳ ଓ ସାଧାରଣ ଲୋକଙ୍କ ଯାତାୟାତ ରେ ଟ୍ରାଫିକ ବ୍ୟବସ୍ଥା ସମ୍ପୁର୍ଣ୍ଣ ଭୁଷୁଡି ପଡିଛି । ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟି ଅନେକ ନୀରିହ ଜୀବନ ଯିବା ସହ ଅନେକ ବେସାହାରା ମଧ୍ୟ ହୋଇ ଯାଇଛନ୍ତି । ଏପରିକି ବୃହତ୍ ବନ୍ଦର ପାରାଦୀପ ସମେତ ଅନେକ ଶିଳ୍ପାନୁଷ୍ଠାନ ମଧ୍ୟ କୁ ବାହାରୁ ଆସୁଥିବା ଗାଡି ଗୁଡିକ ନାହଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏପରିକି ଏସିଆ ମହାଦେଶର ସର୍ବବୃହତ ସାର କାରଖାନା ଓ ଆର୍ସେଲର ମିତ୍ତଲ୍ ଆଣ୍ଡ୍ ନିପନ୍ ଷ୍ଟିଲ୍ ର ପ୍ରବେଶ ପଥ ଏପରି ସଙ୍କୁଚିତ ଓ ଅବହେଳିତ ହୋଇ ପଡ଼ିଛି ଯେ ପ୍ରତିଟି ମୁହୁର୍ତ୍ତ ରେ ଯେପରି ଜୀବନ ନେବାପାଇଁ ଯମ ଜଗି କି ବସିଲା ପରି ମନେ ହେଉଛି । ୫ କିଲୋମିଟର ବ୍ୟାପୀ ଲମ୍ବା ରାସ୍ତା ଥିଲେ ମଧ ତା ମଧ ରେ ନା କେଉଁଠି ଅଛି ଡିଭାଇଡର୍ ନାଁ କେଉଁଠି ଅଛି ରୋଡ୍ ପାସର୍ । ୟୁଟର୍ନ୍ ମାରିବାକୁ ହେଲେ ଦୋଛକି ନହେଲେ ଅଠର ବାଙ୍କୀ। କିନ୍ତୁ ଛୋଟ ଗାଡ଼ି ଓ ଦୁଇ ଚକିଆ ଯାନ ପାଇଁ ରାସ୍ତା ମଝିରେ ଯେଉଁ ସବୁ ପପାସେଜ୍ ରହିଛି ତାହା ଆଇନ୍ ସମ୍ମତ ନୁହେଁ କି ନିୟମ ଅନ୍ତର୍ଭୁକ୍ତ ନୁହେଁ । ରାସ୍ତା ପାର୍ଶ୍ୱରେ ବିଶାଳ ଜନବସତି ବିଜୟଚନ୍ଦ୍ରପୁର, ଉଦୟ ବିହାର, ତାରିଣୀ ଗଡା ପ୍ରଭୃତି ରହିଥିବା ବେଳେ ସେଥିରେ ରାସ୍ତା ଦୁଇ ପାର୍ଶ୍ୱ କୁ ଶୃଙ୍ଖଳିତ ଟ୍ରାଫିକ ନିୟନ୍ତ୍ରଣ କରିବାପାଇଁ ସେପରି କିଛି ବିଦ୍ଧିବ୍ୟବସ୍ଥା ନାହଁ ।। ଲୋକେ ଯାହା ମନ ଇଛା ନିଜ ସୁବିଧା ମୁତାବକ ରାସ୍ତା ମଝିରେ ବଳପୂର୍ବକ ଡିଭାଇଡର୍ କାଟି ପାସିଙ୍ଗ୍ ବନେଇଛନ୍ତି । କିନ୍ତୁ ଏଥିରେ ପାସ୍ କଲାବେଳେ କିଏ ଗାଡ଼ି ଚକା ତଳେ ନିଜ ଜୀବନ ହରାଇ ଲାଣି ତ ଆଉ କିଏ ଗାଡ଼ିକୁ ଗାଡ଼ି ପିଟି ହୋଇ ଜୀବନ ନେଲାଣି । ତେବେ ଏସବୁକୁ ଦୃଷ୍ଟି ରେ ରଖି ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଅନେକ ଆନ୍ଦୋଳନ ଚଳାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା । ତେବେ ଗତ ଅଗଷ୍ଟ ମାସ ୧୫ ତାରିଖ ରେ ଇଫକୋ ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟ ଶଙ୍କର ଅଓ୍ୱସ୍ତି ଓ ବୈଷୟିକ ନିର୍ଦ୍ଦେଶକ କେ.ଜେ ପଟେଲ୍ ୩ଦିନିଆ ଓଡିଶା ଗସ୍ତରେ ଆସି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଓ ଶୀଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ସମେତ ମୁଖ୍ୟ ଶାସନ ସଚିବ ଙ୍କୁ ସାକ୍ଷାତ କରିଥିଲେ । ତେବେ ଏହି ସମୟ ରେ





ଇଫକୋ ର ପ୍ରବେଶ ପଥ ଓ ଜାତୀୟ ରାଜପଥ ରେ ଟ୍ରାଫିକ ବ୍ୟବସ୍ଥା ରେ ସୁଧାର ଆଣିବା ପାଇଁ ଶୀଳ୍ପ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ତେବେ ପରେ ପରେ ଏନେଇ ଶୀଳ୍ପ ମନ୍ତ୍ରୀ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଙ୍କୁ ନିର୍ଦ୍ଦେଶ ଦେବା ସହିତ ଇଫକୋ ସହିତ ଆଲେଚନା କରି ତୁରନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହା ସରାକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବାରୁ ପାରାଦୀପ ଇଫକୋ କମ୍ପାନୀ ର ୟୁନିଟ୍ ହେଡ୍ ପ୍ରଦୀପ କୁମାର ମହାପାତ୍ର ଅତ୍ୟନ୍ତ ଆନ୍ତରିକତା ର ସହ ଘନ ଘନ ବୈଠକ ଡକାଇ ତୁରନ୍ତ କାର୍ଯ୍ୟ ଆରମ୍ଭ ନେଇ ଉଦ୍ୟମ ଆରମ୍ଭ କରିଥିଲେ ଯାହା ଫଳରେ ଏଥିରେ ଅନ୍ତ ଘଟାଇ ଗତ ରବିବାର ଦିନ ଶ୍ରୀଯୁକ୍ତ ମହାପାତ୍ର ନିଜର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏହି ବହୁ ପ୍ରତିକ୍ଷୀତ ଗୋଲେଇ ଛକର ଭୁମିପୁଜା କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଯାହାକି ସ୍ଥାନୀୟ ଅଞ୍ଚଳ ପ୍ରତି ଆତ୍ମିୟତା ଓ ନିଜର ଦୃଢ଼ ଇଚ୍ଛାଶକ୍ତି ର ପରିଚୟ ଦେଇଥିଲେ । ତେବେ ଭୁମିପୁଜା ହେବା କ୍ଷଣି ତୁରନ୍ତ ଗୋଲେଇ ଛକ ର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ଯାଇଛି। ତେବେ ଏହି ଭୁମିପୁଜା ରେ ଇଫକୋ କମ୍ପାନୀ ର ୟୁନିଟ୍ ମୁଖ୍ୟ ପି କେ ମହାପାତ୍ର, ଜେନେରାଲ୍ ମ୍ୟାନେଜର ( ପି ଆଣ୍ଡ୍ ଏ ) କେ ମୋହନ ରାଓ, ସିଭିଲ ଡିପାର୍ଟ୍ ମେଣ୍ଟ୍ ମୁଖ୍ୟ ଶ୍ରୀ ଏ. ଏନ୍ ଓଝା , ମୁଖ୍ୟ ପରିଚାଳକ (ଏଚ୍ ଆର) ବିଜୟ କୁମାର ପରିଡ଼ା , ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଇଫକୋ ଅଫିସର୍ସ ଆସୋସିଏସନ୍ ର ସଭାପତି ସୁଶାନ୍ତ କୁମାର ଜେନା, ଓ ସମ୍ପାଦକ ଶ୍ରୀ ସତ୍ୟଜିତ୍ ଖୁଣ୍ଟିଆ, ଙ୍କ ସମେତ ଇଫକୋ କର୍ମଚାରୀ ସଂଘ ର ସଭାପତି ପ୍ରସାନ୍ତ କୁମାର ସ୍ୱାଇଁ , ସମ୍ପାଦକ ତୃପ୍ତି ରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ସହିତ ତୁରନ୍ତ ଶେଷ କରିବାକୁ ସିଭିଲ ଡିପାର୍ଟ୍ ମେଣ୍ଟ୍ ର ମୁଖ୍ୟ ପରିଚାଳକ ଏସ୍. ଏନ୍. ପଟେଲ୍ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ତେବେ ଦୀର୍ଘ ଦୀନ ପରେ ଏବଂ ସ୍ଥାନୀୟ ଅଞ୍ଚଳ ର ଉନ୍ନତି ଦିଗରେ ଇଫକୋ ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଜ ହାତକୁ ନେଇ ସମ୍ପାଦନ କରିବା ଦିଗରେ ପଦକ୍ଷେପ ନେଇଥିବା ରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ସ୍ଥାନୀୟ ବାସିନ୍ଦା ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶୀଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କୁ ସାଧୁବାଦ ଜଣାଇବା ସହ ଅତ୍ୟନ୍ତ ଆନ୍ତରିକତା ର ସହ ଏହି ଗୋଲେଇ ଛକ କାର୍ଯ୍ୟ ଆରମ୍ଭ କରିଥିବା ରୁ ଇଫକୋ ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଉଦୟ ଶଙ୍କର ଅଓ୍ୱସ୍ତି ପାରାଦୀପ ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାପାତ୍ର ଙ୍କୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା କୃତଜ୍ଞତା ଜ୍ଞାପନ କରିବା ସହ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି ।

## ସାବିତ୍ରୀ ବ୍ରତରେ ସ୍ୱାମୀ ସାଜିଲା ସୈତାନ

କପ୍ତିପଦା, (ମହାଭାରତ) : ସାବିତ୍ରୀ ରାତିରେ ସ୍ୱାମୀ ସାଜିଲା ସୈତାନ। ଗର୍ଭବତୀ ସ୍ତ୍ରୀକୁ ରାସ୍ତା ପାଖରେ ଛାଡି ମାରିଲା ଚମ୍ପଟ। ଆଉ ଗୁରୁତର ଅବସ୍ଥାରେ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରିଲେ ଗ୍ରାମର ମହିଳା। ଏଭଳି ଘଟଣା ସାମ୍ନାକୁ ଆସିଛି ଉଦଳା ଥାନା ଦରିପାଳ ଗ୍ରାମରୁ। ବାଲେଶ୍ୱର ଜିଲ୍ଲା ତେନ୍ତୁଳିଆ ଅଞ୍ଚଳର ସୁବ୍ରତ ଦାସ ତାଙ୍କ ୫ ମାସର ଗର୍ଭବତୀ ସ୍ତ୍ରୀ କଳାବତୀ ଦାସ କୁ ସାଙ୍ଗରେ ଧରି ଶ୍ୱଶୁର ଘର ଉଦଳା ଥାନା କୁଟଲିଂ ଗ୍ରାମକୁ ଆସୁଥିଲେ। ହେଲେ ଅଧା ରାସ୍ତାରେ କଣ ହେଲା କେଜାଣି ଗର୍ଭବତୀ ସ୍ତ୍ରୀ କୁ ଦରିପାଳ ଗ୍ରାମ ନିକଟରେ ବିଚ ରାସ୍ତାରେ ଏକୁଟିଆ ଛାଡି ଫେରାର ହୋଇଯାଇଥିଲା ସ୍ୱାମୀ ସୁବ୍ରତ। ତେବେ ଦୀର୍ଘ ସମୟ ଧରି ସନ୍ଧ୍ୟାରେ ଅନ୍ଧାରରେ ରାସ୍ତାରେ ପାର୍ଶ୍ୱରେ ଗର୍ଭବତୀ କଳାବତୀ ପଡି ରହିଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ହେଲେ ଦରିପାଳ ଗ୍ରାମର ମହିଳା ସୁମିତ୍ରା ନାଏକ ସାଜିଲେ ଦେବଦୂତ। ଗୁରୁତର ଅବସ୍ଥାରେ ପଡ଼ିଥିବା କଳାବତୀଙ୍କୁ ଆଣି ନିଜ ଘରେ ରଖିବା ସହିତ ଆମ୍ବୁଲାନ୍ସକୁ ଡକାଇଥିଲେ। ଆମ୍ବୁଲାନ୍ସ ର ଡ୍ରାଇଭର ଏବଂ ସୁମିତ୍ରା ମିଶି ଗର୍ଭବତୀ କଳାବତୀଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଂକଟାପନ୍ନ ରହିଛି। ସେପଟେ ଦରିପାଳ ଗ୍ରାମବାସୀ ମହିଳାଙ୍କ ସ୍ୱାମୀକୁ ଖୋଜି ଆଣି ଉଦଳା ମେଡିକାଲ ପହଞ୍ଚାଇଥିଲେ।

## ସାମ୍ବାଦିକ ଉପରେ ଆକ୍ରମଣ ଘଟଣାକୁ ଆସିକା ଜୋର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଦୃଢ଼ ନିନ୍ଦା

ଆସିକା, (ମହାଭାରତ) : ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକ ଉପରେ ବାରମ୍ବାର ଆକ୍ରମଣ, ଜୀବନରେ ମାରିବାକୁ ଧମକ ଦେବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ପାରିଲକ୍ଷିତ ହେଉଛି । ଗଣତନ୍ତ୍ର ରାଷ୍ଟ୍ରରେ ଏହା ଏକ ନିନ୍ଦନୀୟ ଘଟଣା ଅଟେ । ଗତ କିଛିଦିନ ତଳେ ବରଗଡ଼ ଜିଲ୍ଲାର କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଜନପ୍ରତିନିଧି ଦୁଃବ୍ୟବହାର କରିଥିଲେ କ୍ଷ ଚଳିତ ମାସରେ କେନ୍ଦୁଝର ଜିଲ୍ଲା ର ସୁକିନ୍ଦା ରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଅପହରଣ କରି ମାଡ଼ ମାରି ଅଚେତ ଅବସ୍ଥାରେ ଛାଡ଼ିଦେବା, ଅଳ୍ପ ଦିନ ତଳେ ବଲାଙ୍ଗୀର ରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକକୁ ଠିକାଦାର ଜଣଙ୍କ କଙ୍ଗାରୁ କୋର୍ଟ ରେ ଦଣ୍ଡ ଦେବା ଘଟଣା ଚତୁର୍ଥ ସ୍ତମ୍ଭ ପ୍ରତି ଘୋର ଅପମାନ ହେବା ସହ ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି । ଏହାକୁ ଆସିକା ଜୋର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ଆସିକାର ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ନାଥ ସାହୁ, ସାମ୍ବାଦିକ ଅନିଲ ପାଣିଗ୍ରାହୀ, ମନୋଜ କୁମାର ମୁନି,ଗଙ୍ଗାଧର ଶତପଥି, ରୁଦ୍ର ନାରାୟଣ ପଣ୍ଡା,ସାମ୍ବାଦିକ ଯୋଗେନ୍ଦ୍ରନାଥ ପ୍ରଧାନ, ହୃଦୟକ୍ଷନନ୍ଦ ଜେନା,ରତ୍ନାକର ସାହୁ, ଅଜିତ ଦାଶ, ନରେନ୍ଦ୍ର ସାହୁ, ହରିହର ପାଢ଼ୀ, ସନ୍ତୋଷ ମିଶ୍ର, କ୍ଷୀରୋଦ ଚନ୍ଦ୍ର ବେହେରା, ଶିବରାମ ସିଅ,କମଳେନ୍ଦୁ ହୋତା,ଶିଶିର ମହାନ୍ତି, ଜଗନ୍ନାଥ ସାହୁ,ପ୍ରଶାନ୍ତ କୁମାର ମୁନି,ସନ୍ତୋଷ କୁମାର ମୁନି, ରତ୍ନାକର ସିୟ,ମନୋଜ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ପାଇଁ ଦାବୀ କରିଛନ୍ତି ।

## ଦିବାକର ଅସ୍ତରଙ୍ଗ ପ୍ରତିନିଧି, ରାକେଶ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରତନିଧି

ଅସ୍ତରଙ୍ଗ, (ମହାଭାରତ) : ଜଗତସିଂହପୁର ସଂସଦୀୟ କାକଟପୁର ବିଧାନସଭା କ୍ଷେତ୍ର ର ଅସ୍ତରଙ୍ଗ ବ୍ଲକ ସାଂସଦ ପ୍ରତିନିଧି ଭାବେ ଯୁବ ବିଜେପି ନେତା ଶ୍ରୀଯୁକ୍ତ ଦିବାକର ଛାଟୋଇ ମନୋନୀତ ହୋଇଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳ ର ଅନ୍ୟ ଜଣେ ଯୁବ ସଂଗଠକ ରାକେଶ କୁମାର ବିଶ୍ୱାଳ ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ର ସାଂସଦଙ୍କ ପ୍ରତିନିଧି ରୂପେ ମନୋନୀତ ହୋଇଛନ୍ତି,ଠିକ ସେହିପରି ସାଂସଦଙ୍କ ଅସ୍ତରଙ୍ଗ ଉକୁଳେଇ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ପ୍ରତିନିଧି ରୂପେ ଅସ୍ତରଙ୍ଗ ର ଉଦୀୟମାନ ଯୁବ ବିଜେପି ନେତା ଶିଶିର କୁମାର ବେହେରା ମନୋନୀତ ହୋଇଛନ୍ତି, ଯାହାକୁ ନେଇ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ଙ୍କ କାର୍ଯ୍ୟାଳୟ ରୁ ବିଜ୍ଞପ୍ତି ରୂପକ ସୂଚନା ଜାରି କରାଯାଇ ପୁରୀ ଜିଲ୍ଲାପାଳ ଙ୍କୁ ସୂଚନା ପ୍ରଦାନ କରାଯାଇଛି,ଏନେଇ ଅସ୍ତରଙ୍ଗ ଅଞ୍ଚଳ ରେ ବିଜେପି ରେ ଖୁସି ର ମାହୋଲ ଦେଖିବାକୁ ମିଳିଛି, ଅସ୍ତରଙ୍ଗ ଅଞ୍ଚଳ ର ଯୁବ ବିଜେପି ନେତା ଦିବାକର ଛାଟୋଇ ଜଣେ ଦୃଢ ସଂଗଠକ, ଦରଦୀ ମଣିଷ, ପ୍ରକୃତି ପ୍ରେମି, ଜଣେ ନିଷ୍ଠାବାନ ମଣିଷ ରୂପେ ବହୁ ଚର୍ଚ୍ଚିତ, ପୂର୍ବରୁ ତାଙ୍କ ଧର୍ମ ପତ୍ନୀ ଶ୍ରୀମତୀ ସସ୍ମିତା ଛାଟୋଇ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଥିଲେ ଓ ସେବି ମଧ ଅସ୍ତରଙ୍ଗ ପଞ୍ଚାୟତ ର ସମିତି ସଭ୍ୟ ରୂପେ ଆଗରୁ ନିର୍ବାଚିତ ହୋଇଛନ୍ତି ବର୍ତ୍ତମାନ ବି ତାଙ୍କ ନେତୃତ୍ୱ ରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଗଠନ ହୋଇଛି, ତାଙ୍କ ର ରାଜନୈତିକ ଇତିହାସ ଓ ବିଜେପି ର ଦୃଢ଼ ସଂଗଠକ ହିସାବରେ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ତାଙ୍କୁ ଏହି ପଦବୀ ରେ ମନୋନୀତ କରିଛନ୍ତି, ଶ୍ରୀଯୁକ୍ତ ଛାଟୋଇ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଏହି ପଦବୀ ପାଇଁ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଙ୍କୁ ଧନ୍ୟବାଦ ଜଣାଇବା ସହ ଆଗକୁ ଅସ୍ତରଙ୍ଗ ବିକାଶ ରେ ଶ୍ରୀଯୁକ୍ତ ଛାଟୋଇ ଜଣେ ନିଷ୍ଠାପର ଯୋଦ୍ଧା ହେବେ ବୋଲି ଗଣମାଧ୍ୟମ କୁ ପ୍ରତିକ୍ରିୟା ଦେଇଛନ୍ତି ।

## ଆମ ଇଡ଼ିଶା ନବୀନ ଓଡିଶା ଯୋଜନାରେ ପ୍ରତେକ ପିଞ୍ଚାୟତକୁ ଆସିଥିବା ଖେଳ ସାମଗ୍ରୀ ଗଲା କୁଆଡେ

କୁନ୍ଦୁରା, (ମହାଭାରତ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ କିଛି ଯୋଜନା ରେ ଦେଖାଦେଇଛି ବ୍ୟତିକ୍ରମ । ‘ସରକାର କା ମାଲ ଦରିଆ ମେ ଡ଼ାଲ ‘ ଭଳି ପରିସ୍ଥିତି ରେ ଚାଲିଛି କୁନ୍ଦୁରା ବ୍ଲକ । ସରକାର ଙ୍କ ଠାରୁ ଉଚ୍ଚ ଦରମା ମିଳୁଥିବା ପରେ ବି ସରକାରୀ ଯଜନା ର ବାଟ ମକ୍ଷରଣା କରିବା ଏବଂ ଅଧିକା ପି ସି ଆଦାୟ କରିବା କିଛି ସରକାରୀ କର୍ମଚାରୀଙ୍କ ଅଭ୍ୟାସ୍ ପାଲଟି ଯାଇଛି । କୁନ୍ଦୁରା ବ୍ଲକ ଅନ୍ତର୍ଗତ ୧୬ ଟି ପଞ୍ଚାୟତ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷ ରେ ଆମ ଓଡିଶା ନବୀନ ଓଡିଶା ଯଜନା ରେ ଖେଳ ସାମଗ୍ରୀ କ୍ରୟ ବାବଦକୁ ପ୍ରତେକ ପଞ୍ଚାୟତ ନିମନ୍ତେ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର ହୋଇଥିବା ସୂଚନା ରହିଛି । କିନ୍ତୁ ଆଚମ୍ୱିତ କରିବା ଘଟଣା ଦୀର୍ଘ ୨ ବର୍ଷ ବିତିବାକୁ ଯାଉଥିବା ବେଳେ ବର୍ତ୍ତମାନ ଏହି ଯଜନା କୁ ନେଇ ତନାଘନା ଆରମ୍ଭ ହେବା ଖବର ପାଇ କୁନ୍ଦୁରା ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ଥିବା ଦେଖିବାକୁ ମିଳୁଛି । ଗତ ସପ୍ତାହ ଭିତରେ ୧୬ ଟି ପଞ୍ଚାୟତ ମଧ୍ୟରୁ ୪-୫ ଟି ପଞ୍ଚାୟତ ରେ ଏହି ଖେଳ ସାମଗ୍ରୀ ତରବରିଆ ଭାବେ ୮ ଟି ବ୍ୟାଗ ଓ ୪ ଟି ଲେଖାଏଁ କେରମ ବୋର୍ଡ ଦେଇ ଦିଆଯାଇଛି । ସେହିଁ ବ୍ୟାଗ ରେ କୋଣ ଅଛି, କେତେ ଟଙ୍କା ର ସାମଗ୍ରୀ ଅଛି ନା ପିଇଓ ଜାଣିଛନ୍ତି ନା ସରପୋଞ୍ଚ, ସେମିତି ପଞ୍ଚାୟତ ରେ ପଡ଼ିରହିଛି କ୍ଷ କେହି ହାତ ମାରିବାକୁ ଭୟ କରୁଛନ୍ତି କାରଣ ପଚାରିଲେ କହୁଛନ୍ତି - ୨ଲକ୍ଷ ୫୦ ହଜାର ଟଙ୍କାର ସାମାନ ଭଳି ଲାଗୁନାହିଁ, ଯିଏ ଦେଇଛି ସିଏ ଆସିକି ଏହାର ହିସାବ ଦେଉ ଆଉ ବଣ୍ଟା ବଣ୍ଟି କରୁ କ୍ଷ ବର୍ତମାନ ସୁଦ୍ଧା ଅନ୍ୟ ପଞ୍ଚାୟତ ମାନଙ୍କୁ ଦିଆଯାଇ ନାହିଁ କିମ୍ବା ଏହାର ସୂଚନା ମଧ ଦିଆଯାଇନଥିବା ସରପୋଞ୍ଚ ରାଣୀଗୁଡା, ଦିଗାପୁର, ବଣ୍ଣୁଆଗୁଡା, ଆସନା ଓ ଡ଼ଙ୍ଗରପଉସୀ କହିଛନ୍ତି କ୍ଷ ଆପଣ ସାମ୍ବାଦିକ ଭାଇ ମାନେ ଯଦି ଏହି ଯାଜନା ବିଷୟରେ ଜାଣିପାରି ଏହାର ଖୋଳତାଡ଼ କରିନଥାନ୍ତେ ତେବେ ଏହି ଖେଳ ସାମଗ୍ରୀ ବାବଦ କୁ ଆସିଥିବା ଟଙ୍କା ଆମେ ପଞ୍ଚାୟତ୍ୱାଲା ଜାଣିପାରିନଥାନ୍ତୁ, ୨୦୨୩-୨୪ ର ଯଜନା କୁ ଆଜି ଯାଏଁ ଚାପି ରଖି ବ୍ଲକ କତୃପକ୍ଷ ଯିଏ ଯାହାର ଚୁପ ରହିଯାଇଥିଲେ, ଆପଣ ମାନେ ବାହାର କରିନଥିଲେ ଏହା ମାୟା ହୋଇଯାଇଥାନ୍ତା। ପରେ କିଏ କିଛି ଜାଣିନାହୁଁ ବୋଲି କହିଦେଇଥାନ୍ତେ । ଏବେବି ଅନ୍ୟ ପଞ୍ଚାୟତ ମାନଙ୍କୁ ଦେବେ କି ନାହିଁ କିଛି ବି ସୂଚନା ନାହିଁ, ବ୍ଲକ କାର୍ଯ୍ୟାଳୟ ରେ ଏତେ ବୈଠକ ହେଉଛି କିନ୍ତୁ ଏହି ଯଜନା କଥା ଉଠାଯାଉନାହିଁ ସେଥିପାଇଁ ଆମେ ଜାଣିନୁ ବୋଲି ରାଣୀଗୁଡା ସରପୋଞ୍ଚ ଶିବ ପ୍ରଧାନୀ, ଡ଼ଙ୍ଗରପାଉସି ସରପୋଞ୍ଚ ଘାସି ଭତ୍ରା ଓ ବଣ୍ଣୁଆଗୁଡା ସରପୋଞ୍ଚ ଦୁତିକା ଭୂମିଆ କହିଥିଲେ । ଏଠି ପ୍ରଶ୍ନ ଉଠୁଛି ଯେ - ବିଗତ ୨୦୨୩-୨୪ ଆର୍ଥିକ ବର୍ଷ ରେ ଓଡିଶା ସରକାର ଙ୍କ ଦ୍ୱାରା ପ୍ରତେକ ପଞ୍ଚାୟତ ପାଇଁ ମଞ୍ଜୁର କରାଯାଇଥିବା ୨ ଲକ୍ଷ ୫୦ ହଜାର ର ଖେଳ ଉପକରଣ ଦୀର୍ଘ ୨ ବର୍ଷ ହେଲା ବଣ୍ଟନ କାହିଁକି କରାଯାଇନଥିଲା । ଏତେଦିନ ଧରି ଏହି ଟଙ୍କା କେଉଁଠି ଥିଲା । ୨ ବର୍ଷ ହେବ ଟଙ୍କା ମଞ୍ଜୁର ହୋଇଥିବା ଫଳକ ମରାଯାଇଛି କୁନ୍ତୁ ଖେଳ ଉପକରଣ ଦିଆଯାଇନଥିଲା କାହିଁକି । ୨ ବର୍ଷ ତଳେ ଲେଖାଯାଇଥିବା ଫଳକ କୁ ଦେଖି କୁନ୍ଦୁରା ବିଡ଼ିଓ ଙ୍କୁ ଏହି ଯଜନା ବିଷୟରେ ପଚାରିବା ପରେ କେମିତି ୪-୫ ଟି ପଞ୍ଚାୟତ ରେ ଖେଳ ଉପକରଣ ଦିଆଗଲା । ପ୍ରକୃତରେ କୋଣ ଏହି ଖେଳ ଉପକରଣ ଯଜନା ର ୨-୩ ବର୍ଷ ପରେ ବଣ୍ଟନ କରାଯିବା ପାଇଁ ସରକାର ଙ୍କ ନିର୍ଦ୍ଦେଶ ରହିଥିଲା କି । ଖେଳ ଉପକରଣ ବାବଦକୁ ପ୍ରତେକ ପଞ୍ଚାୟତ କୁ ଅର୍ଥ ମଞ୍ଜୁର କରାଯାଇଥିଲା ନା ବ୍ଲକ ଅଧିକାରୀ ଙ୍କ ଦ୍ୱାରା ଖେଳ ଉପକରଣ କ୍ରୟ କରି ଦେବା ର ନିୟମ ରହିଥିଲା । ବର୍ତମାନ ଯେଉଁ ଯେଉଁ ପଞ୍ଚାୟତ ରେ ଖେଳ ଉପକରଣ ଦିଆଯାଇଛି ତାହା କ୍ଷ ଯଜନା ମୁତାବକ ଠିକ ଅର୍ଥ ହିସାବରେ ଦିଆଯାଇଛି କି । କୁନ୍ଦୁରା ବ୍ଲକ ର ପ୍ରତେକ ପଞ୍ଚାୟତ କୁ ଷ୍ଟ୍ରିଟ ଲାଇଟ ବଣ୍ଟନ କରାଯାଇଛି , ସିମେଣ୍ଟ ଚେୟାର ବଣ୍ଟନ କରାଯାଇଛି ଏହି ସବୁ ଯଜନା ର ବିଶେଷ ସୂଚନା ବାହାର କରିବା ଭିତରେ ଏହି ଖେଳ ଉପକରଣ ଯଜନା ମଧ ସାମନା କୁ ଆସିଥିଲା। କୁନ୍ଦୁରା ବ୍ଲକ ରେ ଚାଲିଥିବା ଅବ୍ୟବସ୍ଥାକୁ ଦେଖିବା ପରେ ଏଠି ଭୁଲ ପ୍ରକୃତରେ କାହାର ସ୍ପଷ୍ଟ ବାରି ହୋଇ ପାରୁଛି । ଆମ ସାମ୍ବାଦିକ ଙ୍କ ଦ୍ୱାରା କୁନ୍ଦୁରା କାର୍ଯ୍ୟରତ ବିଡ଼ିଓ - କପିଳେଶ୍ୱର ତାଣ୍ଡି ଙ୍କୁ ଏହି ଆମ ଓଡିଶା ନବୀନ ଓଡିଶା ର ଖେଳ ଉପକରଣ ଯଜନା ବିଷୟରେ ପଚରା ଯାଇଥିଲା, ସେ କହିଲେ - ସମସ୍ତ ପିଇଓ ସରପୋଞ୍ଚ ମାନଙ୍କୁ ଆଗରୁ ସୂଚନା ଦିଆଯାଇଛି, ବର୍ତମାନ ୬ ଟା ପଞ୍ଚାୟତ ରେ ଖେଳ ସାମଗ୍ରୀ ବଣ୍ଟନ ମଧ କରାଯାଇଛି ବୋଲି କହିଥିଲେ । ଖେଳ ଉପକରଣ ବଣ୍ଟନ କରାଯାଇଥିବା ରିପୋର୍ଟ ଜିଲ୍ଲା ସ୍ତରକୁ କୋଣ ବୋଲି ଦିଆଯାଇଛି ତାହା ସ୍ପଷ୍ଟ ଜଣାପଡୁନଥିବା ଯୋଗୁଁ ଆଜି ଅର୍ଥାତ ୨୭/୦୫ ମଙ୍ଗଳବାର ଦିନ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ଠାରେ ଜନ ସୂଚନା ଅଧିକାରୀ ଙ୍କ ନିକଟରେ ଏହି ଯଜନା କୁ ନେଇ ସୂଚନା ମଗାଯାଇଥିବା ଦେଖିବାକୁ ମିଳିଛି । ପ୍ରକୃତ ରେ ଏହି ଖେଳ ଉପକରଣ ଯଜନା କୁ ନେଇ ପିଇଓ ସରପୋଞ୍ଚ ମାନେ ସତ କହୁଛନ୍ତି ନା ବିଡ଼ିଓ ସତ କହୁଛନ୍ତି ତାହା ତଦନ୍ତ ସାପେକ୍ଷ ।

## ଦେବଗଡ଼ ବିଜୁ ପ୍ରେଖ୍ୟାଳୟରେ ଶୋଡ ବଂଶୀୟ ଗୋଣ୍ଡ ମହାସଭା ଅନୁଷ୍ଠିତ

ଦେବଗଡ଼(ମହା ଭାରତ) ଦେବଗଡ଼ଜିଲ୍ଲା ପୌରାଞ୍ଚଳ ଅନ୍ତରଗତ ପୁରୁଣାଗଡ଼ ସ୍ଥିତ ବିଜୁ ପ୍ରୋକ୍ଷାଳୟ ଠାରେ ଷଡ ବଂଶୀୟ ଗୋଣ୍ଡ ମହା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ରେ ଷୋଡ଼ ବଂଶୀ ଗଣ୍ଡ ସମାଜ ର ଉନ୍ନତି, ଓ ବିକାଶ ଏବଂ ସାଧାରଣ ଭାବେ ଜାତି ର ଭାଇ ଭଉଣୀ ଙ୍କ ଜାତି ପ୍ରତି ଭଲ ପାଇବା, ଶିକ୍ଷା କ୍ଷେତ୍ର ରେ ଉଓତି, ପରମ୍ପରା କୁ ବଜେଇ ରଖିବା କୁ ନେଇ, ଆଲୋକପାତ ହୋଇ ଥିଲା ।ଉକ୍ତ ସଭା ରେ ସୁଦୂର ପଡଷୀ ଜିଲ୍ଲା କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଆଦି ଜିଲ୍ଲା ର ସଭାପତି, ସମ୍ପାଦକ ମହୋଦୟ ମାନେ ଯୋଗ ଦାନ କରି ଥିଲେ ।ଏବଂ ଦେବଗଡ ଜିଲ୍ଲା ଷଡ଼ ବଂଶୀ ସଭାପତି ଉପେନ୍ଦ୍ର କୁମୁରାସମ୍ପାଦକ କୃପା ସିନ୍ଧୁ ନାୟକ ଓ ଦେବଗଡ଼ ଜିଲ୍ଲା ର ସମସ୍ତେ ସମାଜ ଭାଇ, ଭଉଣୀମାନେ ସହଯୋଗ କରିଥିବା ବେଳେ ଭୂପେନ୍ଦ୍ର ପ୍ରସାଦ ନାୟକ ଉକ୍ତ ସଭା ଆୟୋଜନ ର ଦାୟିତ୍ୱ ଗ୍ରହଣ କରି ସୁରୁରୁ ରୁପେ ତୁଲାଇ ଥିଲେ।

## ପରିବା ବୋଝେଇ ପିକଅପ ଦୁର୍ଘଟଣାଗ୍ରସ୍ତ , ଦୁଇ ଜଣ ଗୁରୁତର ଆହତ

କରଞ୍ଜିଆ,(ମହାଭାରତ) ପରିବା ବୋଝେଇ ଏକ ପିକ ଅପ୍ ଭ୍ୟାନ ଭାରାସମ୍ୟ ହରାଇ ଦୁର୍ଘଟଣା ଗସ୍ତ , ଦୁଇ ଗୁରୁତର ଆହାତ ହୋଇଥିବାର ଜଣାପଡ଼ିଛି। ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା - କରଞ୍ଜିଆ ରାସ୍ତା ଝଇଁବାଇଶି ପେଟ୍ରୋଲ ପମ୍ପ ନିକଟରେ ଗୋଟିଏ ବିଲାତି ବୋଝେଇ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବେଳେ ଡ୍ରାଇଭର ହରି ନନ୍ଦନ ଲହରା (୨୮) ଓ ହେଲପର ଅନିଲ ଯାଦବ (୩୦) ଗୁରୁତର ଆହାତ ଜଣାଯାଇଛି । ଘଟଣା ରୁ ପ୍ରକାଶ ଯେ ଯାଜପୁର ରୁ ରାଞ୍ଚି ଅଭିମୁଖେ ଯାଉଥିବା ଏହି ପରିବା ବୋଝେଇ ପିକଅପ ଭ୍ୟାନ ନମ୍ବର ଗାଡ଼ି ଟି ଆଜି ଭୋର ସକାଳୁ ୪ଟା ବେଳେ ଡ୍ରାଇଭର ର ଆଖି ଲାଗି ଯିବରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଏକ ଶାଳ ଗଛକୁ ଧକ୍କା ଦେଇ ଥିଲା । କିଛି ସମୟପରେ ସ୍ଥାନୀୟ ଲୋକେ ଓ ପେଟ୍ରୋଲ ପମ୍ପ କର୍ମଚାରୀ ପୋଲିସ କୁ ଖବର ଦେଇଥିଲେ ।ଖବର ପାଇ ସଂଙ୍ଗେ ସଂଙ୍ଗେ ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ ଘଟଣାସ୍ଥଳରେ ପହଞ୍ଚି ଗାଡି ରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଦୁର୍ଘଟଣା ର ତଦନ୍ତ କରୁଛି ପୋଲିସ। ତେବେ ଡ୍ରାଇଭର ର ଡାହାଣ ହାତ ଭାଙ୍ଗି ସହ ମୁଣ୍ଡ ଆଘାତ ଲାଗିଛି, ସେହିପରି ହେଲପର ମଧ୍ୟ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଥିବା ଜଣାଯାଇଛି।

## ବା ବା କପିଳେଶ୍ୱର ମହାଦେବଙ୍କ ପୀଠରେ ତୃତୀୟ ବାର୍ଷିକ ଉତ୍ସବ ଯୋଗଦେଲେ ବିଧାୟକ



ଦଶପଲ୍ଲା (ମହାଭାରତ ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶିମିଳିସାହି ପଞ୍ଚାୟତ ଦେଢ଼ଶର ଗ୍ରାମରେ ଥିବା ବା ବା କପିଳେଶ୍ୱର ମହାଦେବଙ୍କ ପୀଠରେ ତୃତୀୟ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜି ସକାଳ ୧୦ଘଟିକା ସମୟରେ ଠାକୁରଙ୍କ ରୀତିନୀତି ଅନୁଯାୟୀ ଦଶପଲ୍ଲା ଆରାଧ୍ୟଦେବୀ ମା ଶୁଲୁକୁଟି ଠାକୁରାଣୀ ଙ୍କ ପୀଠ ନିକଟରେ ଥିବା କୁଆଁରିଆ ନଦୀପଠାରୁ ପୁରୁଷ ଓ ମହିଳା ନୂଆ ବସ୍ତ୍ର ପରିଧାନ କରି ସମସ୍ତ ଭକ୍ତମାନେ ବିଶାଳ କଳସ ଶୋଭାଯାତ୍ରାରେ ବାହାରି ଏକ ବିରାଟ ପଟୁଆରରେ ସୁସଜ୍ଜିତ ଶିବ ତାଣ୍ଡବ ବେଶ ଧାରଣ କରି ଦଶପଲ୍ଲା ଦୁର୍ଗା ବଜାର ଓ ତ୍ରିନାଥ ବଜାର ପରିକ୍ରମା କରିବା ସହ ବା ବା କପିଳେଶ୍ୱର ଶୈବପୀଠରେ ପହଞ୍ଚିଥିଲେ ।ଏହି ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ବା ବା କପିଳେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ସହ ଆଶିଷ ବିଭୁ କୃପା ଲାଭ କରିବା ସହ ଦେଢ଼ଶର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ନୂତନ ସଭାମଣ୍ଡ ଶୁଭ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂଦେବାଶିଷ ପଟ୍ଟନାୟକ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ.ଏ.ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ଜୋନ ନଂ ୧୧ ଜିଲ୍ଲାପରିଷଦ ବସନ୍ତ ପ୍ରଧାନ, ନୂଆଗାଁ ବ୍ଲକ ଜୋନ ନଂ ୧୭ ଜିଲ୍ଲାପରିଷଦ ସଭ୍ୟା ଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦଳବେହେରା ସମେତ ଦଶପଲ୍ଲା ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, କାଉନସିଲର, ବିଜେଡ଼ିର ସକ୍ରିୟ କର୍ମକର୍ତ୍ତା ଓ ସମସ୍ତ ଜନପ୍ରତିନିଧି ମାନେ ଯୋଗ ଦେଇଥିଇ ବା ବା ଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ କୃପା ଲାଭ କରିଥିଲେୟ ସମଗ୍ର ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ରୋଗୀ କଲ୍ୟାଣ ସମିତି ବୈଠକରେ ସମୀକ୍ଷା କଲେ ଶିକ୍ଷମନ୍ତ୍ରୀ



ପାରାଦୀପ(ମହାଭାରତ): ପାରାଦୀପ ଅଠରବାଙ୍କୀସ୍ଥିତ ରାଜ୍ୟ ସରକାରଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଦିନ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ଉନ୍ନତିକରଣ କରାଯିବା ନେଇ ଆଲୋଚନା କରିଥିଲେ । ଏଥି ସହିତ ଭିତ୍ତିଭୂମିର ବିକାଶ, ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳର ସୁବନ୍ଦୋବସ୍ତ ଏବଂ ସ୍ୱଚ୍ଛତା ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଉତ୍ତମ ସେବା ସୁବିଧା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ର ସୁପରିଟେଡେଣ୍ଟ ଡା. ବସନ୍ତ କୁମାର ରାଉତଙ୍କ ସମେତ ଅନ୍ୟ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମଚାରୀମାନେ ନିଷ୍ଠା, ପ୍ରତିବଦ୍ଧତା ଏବଂ ସମର୍ପଣ ଭାବରେ ରୋଗୀମାନଙ୍କୁ ସେବା ଯୋଗାଇ ଦେବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ନଗରପାଳ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ସୁବ୍ରତ ପ୍ରଧାନ, ପ୍ରତାପ କୁମାର ନାୟକ, ସାଂସଦଙ୍କ ମେଡିକାଲ ପ୍ରତିନିଧି ମନୋଜ କୁମାର ନାୟକ, ବିଧାୟକଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ପ୍ରମୁଖଙ୍କ ସହିତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ବୈଠକ ଶେଷରେ ମାନ୍ୟବର ମନ୍ତ୍ରୀ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟସ୍ଥ ଆହାର କେନ୍ଦ୍ର ପରିଦର୍ଶନ କରି ସେଠାରେ ଯୋଗାଇ ଦିଆଯାଉଥିବା ଖାଦ୍ୟ ଖାଇଥିଲେ ।

## ଶେଷହେଲା ଚଳିତବର୍ଷର କେନ୍ଦୁପତ୍ର ସଂଗ୍ରହ

# ପୂରଣ ହୋଇପାରିଲାନି ଲକ୍ଷ୍ୟ : ବାଧକ ସାଜିଲା ପ୍ରତିକୂଳ ପରିବେଶ ଓ ଚୋରାଚାଲାଣ





ଦଶପଲ୍ଲା, ( ମହାଭାରତ ) : ଶେଷ ହୋଇଛି ଚଳିତବର୍ଷର କେନ୍ଦୁପତ୍ର ସଂଗ୍ରହ। ହେଲେ ଟାର୍ଗେଟ୍ ଅନୁଯାୟୀ ହୋଇପାରିଲାନି ପତ୍ର ସଂଗ୍ରହୟ ଚଳିତବର୍ଷ ପତ୍ର ଭଲ ହୋଇଥିଲେ ମଧ୍ୟ ପ୍ରତିକୂଳ ପରିବେଶ ସାଙ୍ଗକୁ ଅସାଧୁ ବ୍ୟବସାୟୀଙ୍କ ପାଇଁ ପତ୍ର ସଂଗ୍ରହରେ ବ୍ୟାଘାତ ଉପୁଜିଥିବା ଜଣାପଡ଼ିଛି। ନିର୍ଦ୍ଧାରିତ ସମୟରେ ଗୋଛି ସଫା ହୋଇଥିଲା। ଭଲପତ୍ର ମଧ ହୋଇଥିଲା। ଗତ ଏପ୍ରିଲ୍ ୨୫ ତାରିଖ ଠାରୁ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗତ ୨୨ ତାରିଖ ଦିନ ଏହି ପତ୍ର ସଂଗ୍ରହ ଶେଷ ହୋଇଛି। ବଡ଼କଥା ହେଉଛି ଦଶପଲ୍ଲା ବନା□ଳ ଅଧୀନରେ ଭଲପତ୍ର ହୋଇଥିବା ହେତୁ ଚଳିତବର୍ଷ ଟାର୍ଗେଟ୍ ଠାରୁ ଅଧିକ ପତ୍ର ସଂଗ୍ରହ କରିବା ପାଇଁ ବିଭାଗ ଆଶା ରଖିଥିଲା। ଯାହାକି ଏହି ବନାଞ୍ଚଳରୁ ୮୫ ଲକ୍ଷ ୯୬ ହଜାର ୬ଶହ କେରି ପତ୍ର ସଂଗ୍ରହ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଥିଲା। ଫୁଲବାଣୀ ବନଖଣ୍ଡ ଅଧୀନରେ ରହିଥିବା ଦଶପଲ୍ଲା ବନାଞ୍ଚଳ କାର୍ଯ୍ୟାଳୟଟି ନୟାଗଡ଼ ଜିଲ୍ଲାର ୪ ଗୋଟି ବ୍ଲକ୍ ଯଥା ଦଶପଲ୍ଲା, ଗଣିଆ, ନୂଆଗାଁ ଓ ରଣପୁରକୁ ନେଇ ଗଠିତ ଏହି ବନାଞ୍ଚଳ ଅଧୀନରେ ୫୯ଟି ଫଡ଼ି ରହିଥିବା ବେଳେ ଚଳିତବର୍ଷ ୬ ହଜାର ୩ଶହ ପଞ୍ଜୀକୃତ ତୋଳାଳି ରହିଥିଲେ। ମାତ୍ର ଭଲ ପତ୍ର କଅଁଳିଥିବା ବେଳେ ଚଳିତବର୍ଷ ପ୍ରତିକୂଳ ପାଗ ବାଧକ ଉପୁଜିଛି। ବର୍ଷା ଓ ମେଘୁଆ ପାଗ ପତ୍ର ସଂଗ୍ରହ ପାଇଁ ଅନୁକୂଳ ନୁହେଁ। ବର୍ଷା ପାଇଁ ଜଙ୍ଗଲରେ ସରୀସୃପ ଓ ମଶା ଡାଉଁଶ ଭୟରେ ତୋଳାଳି ମାନେ ଜଙ୍ଗଲରେ ପଶିବାକୁ ଅନିଚ୍ଛା ପ୍ରକାଶ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହିତ ମାଫିଆଙ୍କ ଦୌରାତ୍ମ ଅସହ୍ୟ ହୋଇ ପଡୁଛି। କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ଅନେକ ଅସାଧୁ ବ୍ୟବସାୟୀ ଜଙ୍ଗଲରେ ପ୍ରବେଶ କରି କଞ୍ଚା କେନ୍ଦୁପତ୍ରକୁ ଅବାଧରେ ଚୋରାଚାଲାଣ କରିବା ହେତୁ ପତ୍ର ସଂଗ୍ରହରେ ବ୍ୟାଘାତ ଉପୁଜିଛି। ଫଳରେ ଚଳିତବର୍ଷ ମାତ୍ର ୬୩ ଲକ୍ଷ ୮ ହଜାର ୨ଶହ ୪୦ କେରି ପତ୍ର ସଂଗ୍ରହ ହୋଇଥିବା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ରଶ୍ମୀ ରଞ୍ଜନ ଘଡ଼େଇ କହିଛନ୍ତି। ଏସବୁ ପତ୍ର ଏବେ ବିଭିନ୍ନ ଆଡେ ଫଡ଼ି ବାହାରେ ଶୁଖୁଥିବା ବେଳେ ବର୍ଷା ହେତୁ ନଷ୍ଟ ହେବାର ଆଶଙ୍କା ମଧ୍ୟ ରହିଛି। ବଡ଼କଥା ହେଉଛି ଓଡ଼ିଶାର ବିଭିନ୍ନ ବନାଞ୍ଚଳ ତୁଳନାରେ ପ୍ରତିବର୍ଷ ରାଜ୍ୟ ସରକାର ଏହି ବନାଞ୍ଚଳରୁ ସିଂହଭାଗ ରାଜସ୍ୱ ଆଦାୟ କରୁଛନ୍ତି। ମାତ୍ର ଆବଶ୍ୟକତା ଅନୁଯାୟୀ କର୍ମଚାରୀ ନଥିବା ହେତୁ ବିଭିନ୍ନ କାର୍ଯ୍ୟରେ ସମସ୍ୟା ଉପୁଜୁଛି।

## ୯ ଅପରାଧୀ ଗିରଫ ୫ ବନ୍ଧୁକ ସହ ଗୁଳି ଓ ମାରଣାସ୍ତ୍ର ଜବତ



ଭଞ୍ଜନଗର(ମହାଭାରତ): ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଭରସା ଜିତୁଛି ଭଂଜନଗର ପୁଲିସ ଭୟ ଶୁନ୍ୟ ପ୍ରୟାସ ପାଇଁ ଅହରହ ଚେଷ୍ଟା ପରେ ପୁଳା ପୁଳା ବନ୍ଧୁକ ଭାରିବା ରେ ଲାଗିଛି ଲୋକେ ଆଶଯ୍ୟ ପୁଲିସକୁ ସାଧାରଣ ଲେକ ସାଧୁବାଦ ଜଣାଉଛନ୍ତି ।ବନ୍ଧୁକ ରଖିଥିବା ଅପରାଧୀଙ୍କୁ ଦମନ କରିବା ପାଇଁ ଗଂଜାମ ଜିଲ୍ଲା ପୁଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅପରେସନରେ ଆଉ ଏକ ସଫଳତା ମିଳିଛି। ଭଞ୍ଜନଗର ପୁଲିସ ଆଜି ୯ଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ୫ଟି ବନ୍ଧୁକ, ଦୁଇଟି ଖେଳନା ପିସ୍ତଲ ସହ ବିଭିନ୍ନ ପ୍ରକାରର ୧୬ରାଉଣ୍ଡ ଜୀବନ୍ତ ଗୁଳି ଜବତ କରିବା ସହ ଗୋଟିଏ ଲେଖାଏଁ କାନ୍ତି ଓ ଖଣ୍ଡା ସମେତ ୫ମୋବାଇଲ ଆଦି ଜବତ ହୋଇଛି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି ।ତାଙ୍କର ସୂଚନା ଅନୁଯାୟୀ, ଭଞ୍ଜନଗର ପୁଲିସ ପକ୍ଷରୁ ଏଭଳି ବେଆଇନ ବନ୍ଧୁକ ଧରିବା ଦିଗରେ ସ୍ୱତନ୍ତ୍ର ଟିମ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ବେଳେ ଗତକାଲି ରାତ୍ରିକାଳୀନ ପାଟ୍ରୋଲିଂ ଚାଲିଥିବା ବେଳେ ଜିଲୁଣ୍ଡି ତାରିଣୀ ମନ୍ଦିର ଭିତରେ ସନ୍ଦେହ ଜନକ ଭାବେ କିଛି ଲୋକ ବସିଥିବା ଖବର ପାଇଥିଲେ। ପୁଲିସ ସେଠାରେ ପହଁଚିବା ପରେ ସେମାନେ ସେଠାରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ଭୁବନେଶ୍ୱର ନୟାପଲ୍ଲୀର ସରୋଜ ଦାସ, ବେଲଗୁଣ୍ଠା ଥାନା ଅଞ୍ଚଳର ବ୍ରଜ ମୋହନ ସାହୁ,କଇଣ୍ଡି ଗ୍ରାମର ଅନୀଲ ବେହେରା, ଲାଲସିଙ୍ଗିର ସନାତନ ପ୍ରଧାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏହାପରେ ସେମାନଙ୍କୁ ପଚରାଉଚରା କରିବା ବେଳେ ଆଉ ୫ଜଣ ଲଣ୍ଡେଇ ସାହିର ଏକ ଭଡ଼ା ଘରେ ରହିଥିବା ସେମାନେ କହିଥିଲେ ।ଭଞ୍ଜନଗର ପୁଲିସ ପକ୍ଷରୁ ଏଭଳି ବେଆଇନ ବନ୍ଧୁକ ଧରିବା ଦିଗରେ ସ୍ୱତନ୍ତ୍ର ଟିମ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ବେଳେ ଗତକାଲି ରାତ୍ରିକାଳୀନ ପାଟ୍ରୋଲିଂ ଚାଲିଥିବା ବେଳେ ଜିଲୁଣ୍ଡି ତାରିଣୀ ମନ୍ଦିର ଭିତରେ ସନ୍ଦେହ ଜନକ ଭାବେ କିଛି ଲୋକ ବସିଥିବା ଖବର ପାଇଥିଲେ। ପୁଲିସ ସେଠାରେ ପହଁଚିବା ପରେ ସେମାନେ ସେଠାରୁ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ଭୁବନେଶ୍ୱର ନୟାପଲ୍ଲୀର ସରୋଜ ଦାସ, ବେଲଗୁଣ୍ଠା ଥାନା ଅଞ୍ଚଳର ବ୍ରଜ ମୋହନ ସାହୁ,କଇଣ୍ଡି ଗ୍ରାମର ଅନୀଲ ବେହେରା, ଲାଲସିଙ୍ଗିର ସନାତନ ପ୍ରଧାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏହାପରେ ସେମାନଙ୍କୁ ପଚରାଉଚରା କରିବା ବେଳେ ଆଉ ୫ଜଣ ଲଣ୍ଡେଇ ସାହିର ଏକ ଭଡ଼ା ଘରେ ରହିଥିବା ସେମାନେ କହିଥିଲେ ।ଏହାପରେ ପୁଲିସ ଲଣ୍ଡେଇସାହି ସ୍ଥିତ ଭଡ଼ାଘରେ ଚଢ଼ଉ କରି ଅଗଝୋଳ ଗ୍ରାମର ଦିବ୍ୟାଙ୍ଗ ଆରୁଖ, ଜାମପଲିର ସୁନୀଲ ସାବତ, ଲଣ୍ଡେଇ ସାହିର ସଂଗ୍ରାମ କିଶୋର ଭୂୟାଁ, ଜିଲୁଣ୍ଡିର ବାଦଲ ସାହୁ ଓ ବିଂଝିଗିରୀର ଟୁକୁନା ପାତ୍ରକୁ ଗିରଫ କରିବା ସହ ସମସ୍ତ ଅଭିଯୁକ୍ତକୁ ଯାଞ୍ଚ କରିବା ସମୟରେ ବନ୍ଧୁକ ଗୁଳି ଓ ମାରଣାସ୍ତ୍ର ଆଦି ମିଳିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ। ଏହାପରେ ପୁଲିସ ଲଣ୍ଡେଇସାହି ସ୍ଥିତ ଭଡ଼ାଘରେ ଚଢ଼ଉ କରି ଅଗଝୋଳ ଗ୍ରାମର ଦିବ୍ୟାଙ୍ଗ ଆରୁଖ, ଜାମପଲିର ସୁନୀଲ ସାବତ, ଲଣ୍ଡେଇ ସାହିର ସଂଗ୍ରାମ କିଶୋର ଭୂୟାଁ, ଜିଲୁଣ୍ଡିର ବାଦଲ ସାହୁ ଓ ବିଂଝିଗିରୀର ଟୁକୁନା ପାତ୍ରକୁ ଗିରଫ କରିବା ସହ ସମସ୍ତ ଅଭିଯୁକ୍ତକୁ ଯାଞ୍ଚ କରିବା ସମୟରେ ବନ୍ଧୁକ ଗୁଳି ଓ ମାରଣାସ୍ତ୍ର ଆଦି ମିଳିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ।ଏଥିରେ ଅତିରିକ୍ତ ଏସପି ଶ୍ରୀ ଦେଙ୍କ ସମେତ ଏସଡିପିଓ ସୁଜିତ କୁମାର ନାୟକ, ଥାନାଧିକାରୀ ଜୀବନାନନ୍ଦ ଜେନା, ଏସଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମହାନ୍ତି ,ଲିପିନା ବିଶ୍ୱାଳ,ଏଏସଆଇ ସତ୍ୟ ନାରାୟଣ ମଳିକ, ଶରତ ଚନ୍ଦ୍ର ପଣ୍ଡାଙ୍କ ସମେତ ଥାନାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମନମୁଖୀ କାର୍ଯ୍ୟ ପାଇଁ ଡାକ୍ତରଙ୍କ ବିରୁଦ୍ଧରେ ଅଭିଯୋଗ

ଅସ୍ତରଙ୍ଗ (ମହାଭାରତ )- ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ କାର୍ଯ୍ୟ ରେ ନିୟୋଜିତ ଥିବା ଡାକ୍ତର ସୁବ୍ରଜି ମାହାରୀ ଙ୍କ ମନମୁଖୀ କାର୍ଯ୍ୟକଳାପ ପାଇଁ ଆଜି ଅସ୍ତରଙ୍ଗ ର କିଛି ବୁଦ୍ଧିଜୀବୀ ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଡାକ୍ତର ମାହାରୀ ରୋଗୀ ଙ୍କୁ ଚିକିତ୍ସା ଦେବା ଆଳରେ ନିଜ ର ବ୍ୟବସାୟ ବୃଦ୍ଧି କରିବାକୁ କୁ ସାଧାରଣ ଓ ଗରିବ ଲୋକ ମାନଙ୍କୁ ବିଭିନ୍ନ ସମୟ ରେ ଭୟଭିତ କରାଇ ତାଙ୍କ ଠୁ ଅର୍ଥ ହରିଲୁଟ କରୁଛନ୍ତି। ଗୋଟେ ପଟେ ସରକାର ଙ୍କ ତରଫରୁ ଦରମା ନେଉଥିବା ବେଳେ ଅନ୍ୟ ପଟେ କାକଟପୁର ଓ ବାଙ୍ଗୁରୀଗାଁ ରେ ନିଜେ ୨ ଗୋଟି ଫିଜିଓଥେରାପି କ୍ଲିନିକ ଖୋଲି ଅନେକ ରୋଗୀ ଙ୍କୁ ପରାମର୍ଶ ଦେଉଛନ୍ତି ।ଏହି ସ୍ଥାନକୁ ଚାଲ ଫିଜିଓଥେରାପି କର ତୁମ ସ୍ୱାସ୍ଥ୍ୟ ଠିକ ହେଇଯିବ ଯଦି କୌଣସି ରୋଗୀ ରାଜିହେଇଗଲା ତାହେଲେ ଡାକ୍ତର ବାବୁ ଖୁସି ନଚେତ ରୋଗୀ ଙ୍କ ଉପରେ ରାଗି ପୂରା ନିଆଁ ବାଣ ହେଇଯାନ୍ତି। ଠିକ ସେହିପରି ଅସ୍ତରଙ୍ଗ ରେ ରାଜ୍ୟ ସରକାର ଙ୍କ ନିଦାନ କେନ୍ଦ୍ର ଥିବା ବେଳେ ଡାକ୍ତର ମାହାରୀ ଗୋଟେ ନିର୍ଦ୍ଧିଷ୍ଟ ପାଥାଲ୍ୟାବ କୁ ରୋଗୀ ଙ୍କୁ ପଠାଉଛନ୍ତି ରକ୍ତ ପରୀକ୍ଷା କରିବାକୁ। ଏଠି ପ୍ରଶ୍ନ ଉଠୁଛି ଚାକିରୀ କରିବେ ସରକାର ଙ୍କ ପାଖରେ କିନ୍ତୁ ପରୀକ୍ଷା କରିବେ ପ୍ରାଇଭେଟ ଲ୍ୟାବ ରେ, ରୋଗୀ ଙ୍କୁ ଅନେକ ସମୟ ରେ ମଧ୍ୟ କୁହନ୍ତି ନିଦାନ ରେ ସବୁ ନକଲି ତୁମେ ସେହି ଲ୍ୟାବ କୁ ଯାଅ ସେଠି ରିପୋର୍ଟ ସବୁଠୁ ଭଲ କାରଣ ଡାକ୍ତର ବାବୁ ଙ୍କର ସେହି ଲ୍ୟାବ ସହିତ କମିସନ ବେପାର ଚାଲୁଛି ଯାହା ବୁଦ୍ଧିଜୀବୀ ମହଲ ରେ ଆଲୋଚନା ହେଉଛି। ଅନ୍ୟ ଅଭିଯୋଗ ମୁତାବକ ସରକାର ଙ୍କ ଔଷଧ ଭଣ୍ଡାର ରେ ମହଜୁଦ ଔଷଧ ଥିବା ବେଳେ କିଛି ନିର୍ଦ୍ଧିଷ୍ଟ ହାତଗଣତି ଔଷଧ ଦୋକାନ କୁ ମଧ୍ୟ ରୋଗୀ ଙ୍କୁ ପଠାଉଛନ୍ତି ଦାମୀ ଦାମୀ ଔଷଧ କିଣିବାକୁ। ଏପଟେ କହୁଛନ୍ତି ସରକାର ଔଷଧ ନାମ ରେ ଚକ୍ ଗୁଣ୍ଡ ଦେଉଛନ୍ତି। ଏଠି ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଚାକିରୀ କରିବେ ଆଉ ସରକାର ଙ୍କ ବ୍ୟବସ୍ଥା କୁ ନକଲି କହିବା କେତେ ଦୁର ଯଥାର୍ଥ। ଏପରିକି ସରକାରୀ ପ୍ରେସକ୍ରିପସନ ରେ ନିଜ ଫିଜିଓଥେରାପି ର ଭିଜିଟିଙ୍ଗ କାର୍ଡ କୁ ଷ୍ଟାପ୍ଲିଂ କରି ରୋଗୀ ଙ୍କୁ ଦେଇଥିବାର ଅନେକ ଫୋଟୋ ଚିତ୍ର ସାମାଜିକ ଗଣମାଧମ ରେ ଘୁରି ବୁଲୁଛି। ଅନେକ ଅଭିଯୋଗ ତାଙ୍କ ନାମ ରେ ଚର୍ଚ୍ଚା ହେଉଥିବା ବେଳେ ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସଞ୍ଜୟ ପ୍ରଧାନ ଙ୍କୁ ପଚାରିବାରୁ ସେ କୁହନ୍ତି ଆଗରୁ ମଧ୍ୟ ଏହିଭଳି ଅଭିଯୋଗ ଆମେ ପାଇଛୁ ଆଉ ସମ୍ପୃକ୍ତ ଡାକ୍ତର ଙ୍କୁ ତାଗିଦ ମଧ୍ୟ କରିଛୁ ଯଦି ଏହିଭଳି ଘଟଣା ପୁନଃବାର ଆସୁଛି ତେବେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ଅସ୍ତରଙ୍ଗ ଅଞ୍ଚଳ ରୁ କିଛି ବୁଦ୍ଧିଜୀବୀ ଯଥା ରାଜ କିଶୋର ପ୍ରଧାନ, କୃତିବାସ ଛାଟୋଇ, ରମାକାନ୍ତ ବସ୍ତିଆ,ତ୍ରିନାଥ ସ୍ୱାଇଁ, ପ୍ରଶାନ୍ତ ମୁଦୁଲୀ,ଲକ୍ଷ୍ମୀଧର ଛାଟୋଇ ଓ ଅନ୍ୟାନ୍ୟ ବ୍ୟକ୍ତି ମିଳିତ ଭାବେ ଲିଖିତ ଭାବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଅଭିଯୋଗ କରିବା ସହିତ ଏହାର ନକଲ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ,ଓଡିଶା ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଙ୍କୁ ମଧ୍ୟ ପ୍ରେରଣ କରିଛନ୍ତି ।

## ପାଟଣା ବ୍ଲକର ଆଦିବାସୀ ମହାସଂଘ ଗଠିତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ଆଦିବାସୀ ମହାସଂଘ ପକ୍ଷରୁ ୨୦ ଟି ପଞ୍ଚାୟତ କୁ ନେଇ ଆଜି କେନ୍ଦେଇପଷି ହାଟ ପଡିଆଠାରେ ଆଦିବାସୀ ମହାସଂଘ ଗଠନ କରାଯାଇଛି। ପାଟଣା ବ୍ଲକ ପାଇଁ ନୂତନ ଆଦିବାସୀ ମହାସଂଘ ଗଠନରେ ସଭାପତି ଭାବେ ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାଏକ ଙ୍କୁ ଦାଲ୍ ଦିଆଯାଇଛି। ଏବଂ ଉପସଭାପତି ଅଚ୍ୟୁତ ନାୟକ ଓ ସହଦେବ ବାଘୁଆ ସମ୍ପାଦକ ଗୌରାଙ୍ଗ ଚରଣ ନାଏକ ସହ ସମ୍ପାଦକ ଭାବେ କବିର ନାଏକ ଓ ପ୍ରଫୁଲ୍ଲ ନାଏକ କକ୍ଷାଧକ୍ଷ ଭାବେ ଖୋଗେଶ୍ୱର ନାଏକ ଜଗନ୍ନାଥ ନାଏକ ସଯୋଜକ ଭାବେ ସୁଚିତ୍ର ନାଏକ, ଉମାକାନ୍ତ ନାଏକ ରାମଚନ୍ଦ୍ର ମୁଣ୍ଡା, ଯୋଗେନ୍ଦ୍ର ନାଏକ କମିଟିରେ ରଖାଯାଇଛି ।ଏହି ଆଦିବାସୀ ମହାସଂଘ ର ଉଦେଶ୍ୟ ସରକାରଙ୍କ ତରଫରୁ କିପରି ଆଦିବାସୀ ମାନଙ୍କୁ ସୁବିଧା ସୁଯୋଗ ମିଳି ପରିବ ସେହି ବିଷୟରେ ଆଲୋଚନା କରାଯାଇଥିଲା।

## ବଦଳୁଛି ମହାନଦୀର ପାଣି ଧାର

# ପିଇବା ପାଣିକୁ ନେଇ ଏବେ ନୟାଗଡ଼ ରେ ହା ହା କାର





ନୟାଗଡ଼, ( ମହାଭାରତ ) : ମହାନଦୀରୁ ବର୍ଷ ତମାମ ନୟାଗଡ଼ ଜିଲ୍ଲାକୁ ପିଇବା ପାଣି ଯୋଗାଇ ଦିଆଯାଉଛି । ମାତ୍ର ପ୍ରତ୍ୟେକ ବର୍ଷ ମହାନଦୀରେ ଜଳ ସ୍ତର ହ୍ରାସ ପାଇବା ସହ ପାଣି ଧାର ର ଦିଗ ବଦଳୁଛି। ଫଳରେ ପିଇବା ପାଣି ସଂଗ୍ରହ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ସେଥିପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଣ୍ଟିଲୋ ବାଣପୁର ନିକଟରେ ବାଲି ଭିତରେ ୪ କିମି ପାଇପ ବିଛାଇ ଏବେ ପାଣି ସଂଗ୍ରହ ଚାଲିଛି। ପ୍ରଚଣ୍ଡ ଗ୍ରୀଷ୍ମରେ ପାଣି ଟୋପେ ପାଇଁ ଜିଲ୍ଲାବାସୀ ଆଉଟୁ ପାଉଟୁ ହେଉଥିବା ବେଳେ ମହାନଦୀର ଲୁଚକାଳି ଖେଳ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। କଣ୍ଟିଲୋ ବାଣପୁର ନିକଟରେ ମହାନଦୀରୁ ପାଣି ସଂଗ୍ରହ କରାଯାଇ ନୟାଗଡ଼ ଓ ଖଣ୍ଡପଡ଼ାକୁ ପିଇବା ପାଣି ଯୋଗାଇ ଦିଆଯାଏ। ନୟାଗଡ଼ ବ୍ଲକ୍କୁ ପ୍ରତ୍ୟେକ ଦିନ ୩୭ ଲକ୍ଷ ଲିଟର ପାଣି ଆସୁଥିବା ବେଳେ ଖଣ୍ଡପଡ଼ାକୁ ୧୫ ଲକ୍ଷ ଲିଟର ଯୋଗାଇ ଦିଆଯାଉଛି। ମୁଣ୍ଡ ପିଛା ୧୩୫ ଲିଟର ହିସାବରେ ଏହି ପାଣି ଯୋଗାଇ ଦିଆଯାଉଛି ବୋଲି କୁହାଯାଉଛି। ମାତ୍ର ନୟାଗଡ଼ ସହରର ନବକଳେବର ବୃଦ୍ଧି ପାଉଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି ସମୁଦ୍ରକୁ ଶଙ୍ଖ ସଦୃଶ ହେଉଛି। ଅନ୍ୟପଟେ ମହାନଦୀରେ ଧାର ର ଦିଗ ପରିବର୍ତ୍ତନ ଯୋଗୁଁ ସିଧାସଳଖ ପିଇବା ପାଣି ଯୋଗାଣ ପ୍ରଭାବିତ ହେଉଛି। ମହାନଦୀର ଗୋଟିଏ କୂଳ ନୟାଗଡ଼ ଓ ଅନ୍ୟଟି କଟକ ଜିଲ୍ଲାକୁ ଛୁଇଁଛି। ଚଳିତ ବର୍ଷ ଆରମ୍ଭରୁ ଦେଖାଗଲା ଯେ କଟକ ଜିଲ୍ଲା ପଟକୁ ମହାନଦୀର ପାଣି ଧାର ବଦଳିବାରେ ଲାଗିଛି। ଫଳରେ ଭୟଙ୍କର ଜଳ ସଙ୍କଟର ଆଶଙ୍କାକୁ ଦୃଷ୍ଟି ରଖି ଜନସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ମହାନଦୀ କୂଳେ କୂଳେ ୪ କିମି ଭିତରକୁ ପାଇପ ଲାଇନ ବିଛା ଯାଇଥିଲା। ଯେଉଁଠାରେ ପାଣି ଧାର ବଦଳିବାରେ ଲାଗିଛି, ସେ ପର୍ଯ୍ୟନ୍ତ ପାଇପ ବିଛାଯାଇ ପାଣି ସଂଗ୍ରହ କରାଯାଉଛି। ଦୁଇ ବର୍ଷ ତଳେ ଏମିତି ସମସ୍ୟା ସୃଷ୍ଟି ହେଉଥିବାରୁ କିଛି ଦିନ ପର୍ଯ୍ୟନ୍ତ ନୟାଗଡ଼କୁ ପାଣି ଯୋଗାଣ ସମ୍ପୂର୍ଣ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ପୁଣି ଥରେ ଏମିତି ସମସ୍ୟା ସୃଷ୍ଟିକୁ ଆଦୌ ଏଡ଼ାଇ ଦିଆଯାଇନପାରେ ବୋଲି କୁହାଯାଉଛି। ଅନ୍ୟପଟେ ବର୍ତ୍ତମାନ ପର୍ଯ୍ୟନ୍ତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ନିର୍ମାଣକାରୀ ସଂସ୍ଥାକୁ ବାରମ୍ବାର ଜରିମାନା କରାଯାଉଥିଲେ ମଧ୍ୟ କିଛି ବି ସୁଫଳ ମିଳୁ ନାହିଁ। ବର୍ତ୍ତମାନ ବିଜୁଳି ଯୋଗାଣରେ ସମସ୍ୟା ରହୁଥିବା ଆରଡବ୍ଲୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ସର୍ଫରାଜ ଖାନ୍ ନିର୍ବାଚନମଣ୍ଡଳୀ ସମୀକ୍ଷା ବୈଠକରେ ମତ ରଖିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ କି ନାହିଁ, ଏହାକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଶରତ ନାୟକ କୁହନ୍ତି ଯେ ମହାନଦୀରେ ବଦଳୁଥିବା ପାଣି ଧାର ପାଇଁ ବିଭାଗ ପକ୍ଷରୁ ପୂର୍ବରୁ ନିଆଯାଇଥିବା ପଦକ୍ଷେପ ଯୋଗୁ ବର୍ତ୍ତମାନ ସୁଦ୍ଧା କିଛି ସମସ୍ୟା ସୃଷ୍ଟି ହୋଇ ନାହିଁୟ ତଥାପି ଏହା ଉପରେ ନଜର ରଖାଯାଇଛି। ସହରରେ ପାନୀୟ ଜଳ ସଙ୍କଟ ସମ୍ପର୍କରେ ସେ ଆହୁରି କହିଛନ୍ତି ଯେ ବିଭିନ୍ନ କଲୋନିରେ ପାଣି ଆସୁ ଆସୁ ଲୋକ ମାନେ ମୋଟର ଲଗାଇ ଏହାକୁ ନିଜ ପାଇଁ ସଂରକ୍ଷିତ ରଖୁଛନ୍ତି। ଫଳରେ ତଳ ମୁଣ୍ଡରେ ରହୁଥିବା ଲୋକ ମାନଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ। ଏହାସହ ଯେଉଁ ବେଗରେ ପାଣି ଆସିବା କଥା ସେମିତି ନ ଆସିବାରୁ, ଏହାକୁ ନେଇ ସମସ୍ୟା ବଢ଼ିଯାଇଛି। ଏଣୁ ପାନୀୟ ଜଳ ସଙ୍କଟରୁ ମୁକ୍ତି ପାଇଁ ସମସ୍ତ ସହଯୋଗର ଆବଶ୍ୟକତା ରହିଛି।

## ଜେଲ ଗଲେ ଜ୍ୟୋତି

ନୂଆଦିଲ୍ଲୀ : ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରିବା ଅଭିଯୋଗରେ ହରିୟାଣାର ହିସାର ପୁଲିସ ଦ୍ୱାରା ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା (୩୩) ଙ୍କୁ ଜେଲ୍ ?କୁ ପଠାଇ ଦିଆଯାଇଛି। ୪ ଦିନର ପୁଲିସ ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା।



କୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ହିସାର ପୁଲିସ୍ ଜ୍ୟୋତିଙ୍କୁ ଗିରଫ କରିବା ପରେ ପଚରାଉଚରା ପାଇଁ ପ୍ରଥମେ ୫ ଦିନିଆ ରିମାଣ୍ଡରେ ନେଇଥିଲେ। ରିମାଣ୍ଡ ଅବଧି ଶେଷ ହେବା ପରେ ମେ' ୨୨ରେ ତାଙ୍କୁ କୋର୍ଟରେ ହାଜର କରିଥିଲା ପୁଲିସ୍। ଏହା ସହିତ ପୁଣି ଥରେ ଜ୍ୟୋତିଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଜ୍ୟୋତିଙ୍କୁ ଆଉ ୪ ଦିନ ରିମାଣ୍ଡରେ ନେବାକୁ ପୁଲିସକୁ ଅନୁମତି ଦେଇଥିଲେ। ସେହି ଅବଧି ଆଜି ଶେଷ ହେବା ପରେ ତାଙ୍କୁ ପୁଣି କୋର୍ଟରେ ହାଜର କରାଯାଇଥିଲା। ହିସାର ପୁଲିସ କହିବା ମୁତାବକ ଜ୍ୟୋତି ଭାରତୀୟ ସେନା ବା ପ୍ରତିରକ୍ଷା ସମ୍ବନ୍ଧୀୟ କୌଣସି ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଦେଇଥିବା ନେଇ କିଛି ପ୍ରମାଣ ମିଳିନାହିଁ। ତେବେ ପାକିସ୍ତାନୀ ଗୁଇନ୍ଦା ପାଇଁ କାମ କରୁଥିବା କିଛି ବ୍ୟକ୍ତିଙ୍କ ସହିତ ସେ ଯୋଗାଯୋଗରେ ରହିଥିଲେ। ଜ୍ୟୋତି ଏହସାନ-ଉର-ରହିମ ଓରଫ ଡାନିଶଙ୍କ ସହିତ ଜ୍ୟୋତି ସଂପର୍କରେ ଥିଲେ ବୋଲି ଅଭିଯୋଗ ରହିଛି। ଡାନିଶ ୨୦୨୩ ନଭେମ୍ବରରୁ ଭାରତରେ ଥିବା ପାକିସ୍ତାନୀ ହାଇକମିଶନର କର୍ମଚାରୀ ଥିଲା। ମେ' ୧୩ ତାରିଖରେ ଭାରତ ସରକାର ତାଙ୍କୁ ଦେଶରୁ ବାହାର କରି ଦେଇଥିଲେ। ଗୁଇନ୍ଦାଗିରି କାର୍ଯ୍ୟକଳାପରେ ଜଡ଼ିତ ଥିବାରୁ ଭାରତର ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ଗୁଜରାଟ ଆଦି ରାଜ୍ୟରୁ ଏଯାବତ ଜ୍ୟୋତିଙ୍କ ସମେତ ୧୨ ଜଣ ଗିରଫ ହୋଇସାରିଲେଣି।

## ପାକିସ୍ତାନ ସୀମାନ୍ତ ଗାଁରେ ବୋମା ଖଞ୍ଜିବା ବେଳେ ଭୟଙ୍କର ବିସ୍ଫୋରଣ

ନୂଆଦିଲ୍ଲୀ : ପାକିସ୍ତାନ ସୀମାନ୍ତରେ ଥିବା ଅମୃତସରର ନୌଶେରା ଗାଁ ନିକଟରେ ଆଜି ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ ଜଣେ ଆତଙ୍କବାଦୀର ମୃତ୍ୟୁ ହୋଇଛି। କାମ୍ବୋ ପୁଲିସ୍ ଷ୍ଟେସନ ଅଧୀନରେ ବିସ୍ଫୋରଣ ହୋଇଥିବା ବେଳେ ସୁରକ୍ଷାକର୍ମୀ ତୁରନ୍ତ ପୂରା ଅଞ୍ଚଳକୁ କର୍ଡନ କରି ନେଇଛନ୍ତି। ବିସ୍ଫୋରଣରେ ଆହତ ହୋଇଥିବା ଆତଙ୍କୀ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ପୁଲିସ୍ ? ପକ୍ଷରୁ ନିଶ୍ଚିତ କରାଯାଇଛି।

ଏସ୍‌ପି (ଅମୃତସର ଗ୍ରାମାଞ୍ଚଳ) ମନିନ୍ଦର ସିଂହ କହିଛନ୍ତି ଯେ ଗାଁ ନିକଟରେ ଜଣେ ବ୍ୟକ୍ତି ବୋମା ଖଞ୍ଜୁ ଥିବା ବେଳେ ବିସ୍ଫୋରଣ ହୋଇଛି। ପ୍ରାଣ ହରାଇଥିବା ବ୍ୟକ୍ତି ଜଣକ ଗୋଟିଏ ଆତଙ୍କବାଦୀ ସଂଗଠନର ସଦସ୍ୟ। ସେ ବିସ୍ଫୋରକ ସାମଗ୍ରୀ ଏଠାରୁ ନେବା ସହ ଗୋଟିଏ ବୋମା ଖଞ୍ଜୁ ଥିଲା। ଏହି ସମୟରେ ବିସ୍ଫୋରଣ ହୋଇଥିଲା। ପ୍ରାଣ ହରାଇଥିବା ବ୍ୟକ୍ତି ଜଣକ ବାବର ଖାଲସା ନାମକ ଆତଙ୍କବାଦୀ ସଂଗଠନର ସଦସ୍ୟ ଥିଲା। ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ହାତ ମିଳାଇ ଏହି ସଂଗଠନ କାମ କରିଥାଏ। ଆଇଏସଆଇ ପକ୍ଷରୁ ଏହି ସଂଗଠନକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଏ। ସେହିପରି ବିସ୍ଫୋରକ ମଧ୍ୟ ପାକିସ୍ତାନରୁ ଆସିଥିବା ଜଣାପଡ଼ିଛି।

ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳରେ ଆଲର୍ଟ ଜାରି କରାଯାଇଛି। କର୍ଡନ ଅଫ କରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ନୌଶେରା ସୀମାନ୍ତ ଗାଁ ହୋଇଥିବାରୁ ଅଧିକ ସତର୍କତା ଅବଲମ୍ବନ କରାଯାଉଥିବା ସେ କହିଛନ୍ତି।

# ଭାରତକୁ ଶାନ୍ତି ଆଲୋଚନା ପାଇଁ ପାକ୍‌ର ପ୍ରସ୍ତାବ



ନୂଆଦିଲ୍ଲୀ : ଅପରେସନ ସିନ୍ଦୂରରେ ଘାଇଲା ହୋଇ ଭାରତ ବିରୋଧରେ ମିଛର ବଜାର ଖୋଲିଥିବା ପାକିସ୍ତାନ ଏବେ ବିଭିନ୍ନ ଦେଶ ବୁଲିବୁଲି ସମର୍ଥନ ହାସଲ କରିବାକୁ ଉଦ୍ୟମ କରୁଛି। ଭାରତୀୟ ସେନାର ଆକ୍ରମଣ ଯୋଗୁ ଦୋହଲି ଯାଇଥିବା ପାକିସ୍ତାନ ପ୍ରଥମେ ମୁହଁ ଫୁଟାଣି ମାରୁ ଥିଲା। ଭାରତ ବିରୋଧରେ ତଥାକଥିତ ବିଜୟର ଡେଙ୍ଗୁରା ପିଟୁଥିଲା। ମିଛି ଫଟୋ ଜରିଆରେ ବୀରତା ଦେଖାଇବାକୁ ଚେଷ୍ଟା କରି ଲୋକହସା ହୋଇଥିବା ପାକିସ୍ତାନର ମୁହଁ ଫୁଟାଣି ଭାଙ୍ଗିଛି। ଭାରତକୁ ନାଲି ଆଖି ଦେଖାଉଥିବା ପାକିସ୍ତାନ ଏବେ ଇରାନକୁ ନୂଆଦିଲ୍ଲୀକୁ ଶାନ୍ତି ଆଲୋଚନାର ପ୍ରସ୍ତାବ ଦେଇଛି। ଅବଶ୍ୟ ପାକିସ୍ତାନର ଏହା ଲୋକ ଦେଖାଣିଆ କାମ। କିନ୍ତୁ ଇରାନର ସମର୍ଥନ ହାସଲ କରିବା ପାଇଁ ପାକିସ୍ତାନ ସରକାର ଭାରତ ସହ ଆଲୋଚନା ଚାହୁଁଥିବା ଜଣାଇବାକୁ ଚେଷ୍ଟା କରିଛି। ଇରାନ ଗସ୍ତରେ ଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭାରତ ସହ ଶାନ୍ତି ଆଲୋଚନା କରିବାକୁ ରାଜି ଥିବା କହିଛନ୍ତି। ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ କଶ୍ମୀର, ଆତଙ୍କ ବାଦ, ଜଳ ଭାଗବଣ୍ଟା ଓ ବାଣିଜ୍ୟ ସମେତ ସମସ୍ତ ପ୍ରସଙ୍ଗରେ ଆଲୋଚନା ହେବା ଦରକାର ବୋଲି ଶରିଫ ମତ ରଖିଛନ୍ତି।

ପହଲଗାମ ନରସଂହାର ପରେ ଦୁଇ ଦେଶ ମଧ୍ୟରେ ବିବାଦ ଚରମସ୍ଥିତିରେ ପହଞ୍ଚିଥିଲା। ଏହା ପରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଛି। ଅସ୍ତ୍ରବିରତି ଲାଗୁ ହେବା ପରେ ଶରିଫ ଶାନ୍ତି ଆଲୋଚନାର ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି, "ଆମେ କଶ୍ମୀର ଠାରୁ ଆରମ୍ଭ କରି ଜଳ ସମେତ ସମସ୍ତ ବିବାଦର ସମାଧାନ ଚାହୁଁଛୁ। ବୁଝାମଣା ଭିତ୍ତିରେ ଏହାର ସମାଧାନ ହେବା ଦରକାର। ଆମେ ଆମ ପଡ଼ୋଶୀ ସହ ବାଣିଜ୍ୟ ଓ ଆତଙ୍କବାଦ ପ୍ରସଙ୍ଗରେ ମଧ୍ୟ କଥା ହେବାକୁ ପ୍ରସ୍ତୁତ।" ଖାମେନିଙ୍କ ସହ ବୈଠକ କରିବା ପରେ ଶରିଫ ଇରାନ ରାଷ୍ଟ୍ରପତି ମାସୌଦ ପେଜେଶକିଆନଙ୍କ ସହ ଯୁଗ୍ମ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସମୟରେ ଭାରତ ସହ ନିକଟରେ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ମତ ରଖିଥିଲେ। ଗୋଟିଏ ପଟେ ଶରିଫ ଶାନ୍ତି ଆଲୋଚନା ଚାହୁଁଥିବା ବେଳେ ଅନ୍ୟପଟେ ମିଛ କହିବାକୁ ମଧ୍ୟ ଭୁଲି ନାହାନ୍ତି। ଭାରତୀୟ ସେନାର ଅପରେସନ ସିନ୍ଦୂରରେ ପାକିସ୍ତାନ ଆଣ୍ଠେଇଥିଲେ ହେଁ ସଫଳତାର ସହ ଏହାର ମୁକାବିଲା କରାଯାଇଥିବା ପୁଣି ଥରେ ସେ ଦୋହରାଇଛନ୍ତି।

ସେ କହିଛନ୍ତି, "ଆମେ ଶାନ୍ତି ଚାହୁଁଛୁ। କିନ୍ତୁ ସେମାନେ ଯଦି ଉତ୍ତେଜନା ସୃଷ୍ଟି କରିବେ, ତା'ହେଲେ ଆମେ ଆମ ଅଞ୍ଚଳର ସୁରକ୍ଷା କରିବାକୁ ସବୁ ପ୍ରକାରର ପଦକ୍ଷେପ ନେବୁ। ଠିକ କିଛି ଦିନ ପୂର୍ବରୁ ଆମେ ଯେମିତି ପଦକ୍ଷେପ ନେଇଥିଲୁ। ଯଦି ସେମାନେ ଶାନ୍ତି ପାଇଁ ମୁଁ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରିବେ, ତା'ହେଲେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେ କେତେ ଯତ୍ନବାନ ଓ ତତ୍ପର ରହିଛୁ ସେକଥା ଦେଖାଇବୁ। ଆମେ ଆମର ପଡ଼ୋଶୀ ସହ ଜଳ ପ୍ରସଙ୍ଗରେ ଶାନ୍ତି ଆଲୋଚନା ପାଇଁ ରାଜି। ଆମେ ବାଣିଜ୍ୟ ବୃଦ୍ଧି ଓ ଆତଙ୍କବାଦ ବିରୋଧୀ ପଦକ୍ଷେପ ସମ୍ପର୍କରେ କଥା ହେବାକୁ ପ୍ରସ୍ତୁତ। ଆମେ ଶାନ୍ତି ଚାହୁଁଥିଲୁ, ଶାନ୍ତି ଚାହୁଁଛୁ ଓ ଆମେ ଆଲୋଚନା ଦ୍ୱାରା ପୂରା ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଉପରେ କାମ କରି ଚାଲିଥିବୁ। ସମସ୍ତ ପ୍ରକାରର ଦୀର୍ଘ କାଳୀନ ବିବାଦର ସମାଧାନ ଆମେ ଚାହୁଁଛୁ।"

# ପାକିସ୍ତାନ ସହ ବଡ଼ ଡିଲ୍ କଲା ଋଷିଆ



ନୂଆଦିଲ୍ଲୀ,୨୭।୫: ଭାରତର ବନ୍ଧୁ ଦେଶ ଋଷିଆ ପାକିସ୍ତାନ ସହିତ ଏକ ଆଧୁନିକ ଇସ୍ପାତ କାରଖାନା ନିର୍ମାଣ ପାଇଁ ଏକ ଚୁକ୍ତିନାମାକୁ ଚୂଡ଼ାନ୍ତ କରିଛି। ଏହି ଚୁକ୍ତି ୨୦୧୫ରେ ବନ୍ଦ ହୋଇଯାଇଥିବା ସୋଭିଏତ-ନିର୍ମିତ ଇସ୍ପାତ କାରଖାନାକୁ ପୁନର୍ଜୀବିତ କରିବ। ପାକିସ୍ତାନୀ ଅଧିକାରୀ ଏବଂ ରୁଷ ପ୍ରତିନିଧି ଡେନିସ ନାଜାରୋଭ ଏହି ଚୁକ୍ତିକୁ ନିଶ୍ଚିତ କରିଛନ୍ତି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ପାକିସ୍ତାନର ବାର୍ଷିକ ଇସ୍ପାତ ଆମଦାନୀକୁ ୩୦% ହ୍ରାସ କରିବା, ଯାହା ଦାରା ୧୧.୨ ନିୟୁତ ମେଟ୍ରିକ ଟନ ବ୍ୟବହାର ବ୍ୟବଧାନ ସହିତ ଜଡିତ $2.6 ବିଲିୟନ ଆମଦାନୀ ବିଲ ହ୍ରାସ କରାଯିବ। ନୂତନ ମିଲ ମୂଳ ୧୯,୦୦୦ ଏକର ପାକିସ୍ତାନ ଷ୍ଟିଲ ମିଲ୍ସ (ଚଝଗ) ସ୍ଥାନର ୭୦୦ ଏକର ଜମି ଅଧିକାର କରିବ, ଯାହା ୧.୪ ବିଲିୟନ ଟନ ଘରୋଇ ଲୁହା ପଥର ଭଣ୍ଡାର ପ୍ରକ୍ରିୟାକରଣ ପାଇଁ ବିଦ୍ୟମାନ ବନ୍ଦର ଭିତ୍ତିଭୂମିକୁ ଉପଯୋଗ କରିବ। ୧୯୭୩ ମସିହାରେ ସୋଭିଏତ ବୈଷୟିକ ସହାୟତାରେ ପ୍ରତିଷ୍ଠିତ, ପିଏସଏମ ଥରେ ବାର୍ଷିକ ୧.୧ ନିୟୁତ ଟନ ଉତ୍ପାଦନ କରୁଥିଲା କିନ୍ତୁ ଭୁଲ ପରିଚାଳନା ଏବଂ ପୁରୁଣା ଯନ୍ତ୍ରପାତି ଯୋଗୁଁ ଏହା ୨.୧୪ ବିଲିୟନ ଡଲାର କ୍ଷତିରେ ପଡ଼ିଥିଲା।

ଏହି ପୁନରୁଦ୍ଧାର ଯୋଜନାରେ ଉନ୍ନତ ଇସ୍ପାତ ନିର୍ମାଣ ପ୍ରଯୁକ୍ତିବିଦ୍ୟାରେ ରୁଷୀୟ ବିଶେଷଜ୍ଞତା ଅନ୍ତର୍ଭୁକ୍ତ, ଯାହା ଆମଦାନୀ ହୋଇଥିବା ସ୍କ୍ରାପ ଏବଂ ଅର୍ଦ୍ଧ-ସମାପ୍ତ ଉତ୍ପାଦ ଉପରେ ନିର୍ଭରଶୀଳତା ହ୍ରାସ କରିବ, ଯାହା ପାଇଁ କେବଳ ମାର୍ଚ୍ଚ ୨୦୨୫ ରେ ପାକିସ୍ତାନକୁ $324 ନିୟୁତ ଖର୍ଚ୍ଚ ହୋଇଥିଲା। ଏକ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ଆର୍ଥିକ ସହାୟତା ତଦାରଖ କରିବ, ପାକିସ୍ତାନ ଏହାର ୧.୧ ବିଲିୟନ ଡଲାରର ଦେୟକୁ ପୂରଣ କରିବା ପାଇଁ ଚଝଗ ର ୧୧ ବିଲିୟନ ଡଲାରର ସମ୍ପତ୍ତିରୁ ସମ୍ପତ୍ତି ବିକ୍ରି କରିବାକୁ ବିଚାର କରିବ। ଗତ କିଛି ବର୍ଷ ଧରି ପାକିସ୍ତାନ ଏବଂ ରୁଷ ପରସ୍ପରର ନିକଟତର ହେଉଛନ୍ତି। ଦୁଇ ଦେଶ ମଧ୍ୟରେ ଏକ ଗ୍ୟାସ ପାଇପଲାଇନ ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଏହା ବ୍ୟତୀତ, ଉଭୟ ଦେଶ ୨୦୨୩ ମସିହାରେ ଅଶୋଧିତ ତୈଳ ସମ୍ପର୍କରେ ଏକ ଚୁକ୍ତିନାମା ମଧ୍ୟ ସତ୍ତ୍ୱାକ୍ଷର କରିଥିଲେ। ଏହି ଚୁକ୍ତିନାମା ଅନୁଯାୟୀ, ପାକିସ୍ତାନକୁ ଶସ୍ତା ମୂଲ୍ୟରେ ତେଲ ଯୋଗାଣ କରାଯିବ। ଏହା ବ୍ୟତୀତ ପାକିସ୍ତାନ ଏବଂ ରୁଷ ମଧ୍ୟରେ ସିଧାସଳଖ ସମୁଦ୍ର ମାଲ ପରିବହନ ସେବା ମଧ୍ୟ ଆରମ୍ଭ ହୋଇଛି। ରୁଷ ଭାରତର ଏକ ଘନିଷ୍ଠ ବନ୍ଧୁ, ଯେତେବେଳେ ପାକିସ୍ତାନ ଏହାର ଘନିଷ୍ଠ ଶତ୍ରୁ। ଏପରି ପରିସ୍ଥିତିରେ, ଯଦି ବନ୍ଧୁ ଏବଂ ଶତ୍ରୁ ମଧ୍ୟରେ ସମ୍ପର୍କ ସୁଧୁରେ, ତେବେ ଏହା ଭାରତ ପାଇଁ ଏକ ବଡ଼ ଧକ୍କା ହେବ। ସମ୍ପ୍ରତି ପହଲଗାମ ଆକ୍ରମଣ ପରେ ରୁଷର ଆଚରଣ ଭାରତକୁ ଚିନ୍ତିତ କରିଥିଲା। ଏହା ପ୍ରଥମ ଥର ଥିଲା ଯେତେବେଳେ ରୁଷ ଭାରତକୁ ଖୋଲାଖୋଲି ସମର୍ଥନ କରିବା ପରିବର୍ତ୍ତେ ଶାନ୍ତି ପାଇଁ ଆବେଦନ କରିଥିଲା। ଏପର୍ଯ୍ୟନ୍ତ ରୁଷ ସବୁବେଳେ ଭାରତ ସପକ୍ଷରେ ଛିଡ଼ା ହେଉଥିବା ପରି ମନେ ହେଉଥିଲା। ରୁଷ ପୂର୍ବରୁ ଅନେକ ଥର କହିସାରିଛି ଯେ ପାକିସ୍ତାନ ଏବଂ ଭାରତ ସହିତ ଏହାର ସମ୍ପର୍କ ପୃଥକ ଏବଂ ଏହାକୁ ଯୋଡାଯିବା ଉଚିତ ନୁହେଁ।

## ମଣିପୁରରେ ପୁଣି ମୁଣ୍ଡ ଟେକିଲା ନୂଆ ବିବାଦ

ନୂଆଦିଲ୍ଲୀ,୨୭।୫: ମଣିପୁରରେ ମଙ୍ଗଳବାର ଉତ୍ତେଜନା ତୀବ୍ର ହୋଇଛି, କାରଣ ମଣିପୁର ଅଖଣ୍ଡତା ଉପରେ ସମନ୍ୱୟ କମିଟି (ଉଙଉଙଗଓ)ର ଛାତ୍ର ଶାଖାର ସଦସ୍ୟମାନେ ରାଜ୍ୟର ନାମକୁ ସରକାରୀ ବସ୍ ?ରୁ ଲୁଚାଇ ଦିଆଯିବା ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନର ଅଂଶ ଭାବେ ଉପତ୍ୟକା ଜିଲାରେ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ତାଲାବନ୍ଦ କରିଛନ୍ତି ଏବଂ ସାଇନବୋର୍ଡଗୁଡ଼ିକୁ କାଦୁଅରେ ମଳିନ କରିଛନ୍ତି। ଆନ୍ଦୋଳନକାରୀମାନେ ଇମ୍ଫାଲ ପଶ୍ଚିମର ଲାମ୍ଫେଲପାଟସ୍ଥିତ ଭୂତତ୍ତ୍ୱ ସର୍ଭେ ଅଫ୍ ? ଇଣ୍ଡିଆ କାର୍ଯ୍ୟାଳୟ ଏବଂ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟକୁ ତାଲାବନ୍ଦ କରିଛନ୍ତି, ଏବଂ "ଭାରତ ସରକାର" ଲେଖା ଥିବା ସାଇନବୋର୍ଡଗୁଡ଼ିକୁ କାଦୁଅରେ ମଳିନ କରାଯାଇଛି, ଯାହା କେନ୍ଦ୍ର ବିରୁଦ୍ଧରେ ଏକ ଦୃଶ୍ୟମାନ ବିଦ୍ରୋହ ଏବଂ ଆଞ୍ଚଳିକ ଅସନ୍ତୋଷର ପ୍ରତୀକ।

ଏକସଙ୍ଗେ, ମୁଖ୍ୟତଃ ମହିଳାମାନଙ୍କ ଦ୍ୱାରା ପରିଚାଳିତ ବୃହତ୍ ପ୍ରଦର୍ଶନ ଇମ୍ଫାଲ ପୂର୍ବ ଏବଂ ପଶ୍ଚିମ ସମେତ ଉପତ୍ୟକା ଜିଲ୍ଲାଗୁଡ଼ିକରେ ସୃଷ୍ଟି ହୋଇଛି। ଏହି ପ୍ରଦର୍ଶନ ୨୦ ମେ'ରେ ଉଖ୍ରୁଲ ଜିଲାର ଶିରୁଇ ଲିଲି ଉତ୍ସବକୁ ଯାଉଥିବା ସାମ୍ବାଦିକମାନଙ୍କୁ ନେଇ ଯାଉଥିବା ସରକାରୀ ବସ୍ ?ରୁ ରାଜ୍ୟର ନାମ ଲୁଚାଇ ଦିଆଯିବା ଘଟଣାକୁ ନେଇ ହୋଇଛି। ଏହି ଘଟଣା ଗ୍ୱାଲଟାବି ଅଞ୍ଚଳରେ ଘଟିଥିଲା। ଇମ୍ଫାଲ ପୂର୍ବର ଖୁରାଇରେ ମହିଳା ଆନ୍ଦୋଳନକାରୀମାନେ ଡେପୁଟି କମିଶନରଙ୍କ କାର୍ଯ୍ୟାଳୟ ଆଡ଼କୁ ମାର୍ଚ୍ଚ କରି କାର୍ଯ୍ୟ ବାଧାପ୍ରାପ୍ତ କରିଥିଲେ ଏବଂ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କଠାରୁ ଔପଚାରିକ କ୍ଷମା ମାଗିବାକୁ ଦାବି କରିଥିଲେ। ଇମ୍ଫାଲ ପଶ୍ଚିମରେ ମଧ୍ୟ ସମାନ ଦୃଶ୍ୟ ଦେଖାଯାଇଥିଲା, ଯେଉଁଠାରେ ମାନବ ଶୃଙ୍ଖଳା ଗଠନ କରାଯାଇଥିଲା ଏବଂ "ଆତ୍ମନିର୍ଣ୍ଣୟ ଆମର ଜନ୍ମଗତ ଅଧିକାର" ଭଳି ସ୍ଲୋଗାନ ଥିବା ପ୍ଲାକାର୍ଡ ପ୍ରଦର୍ଶିତ ହୋଇଥିଲା। ଆନ୍ଦୋଳନକାରୀମାନେ ରାଜ୍ୟର ମୁଖ୍ୟ ସଚିବ ଏବଂ ସୁରକ୍ଷା ଉପଦେଷ୍ଟାଙ୍କ ଇସ୍ତଫା ଦାବି କରୁଛନ୍ତି, ସେମାନଙ୍କୁ ପ୍ରଶାସନିକ ଅବହେଳା ଏବଂ ଅଶାନ୍ତି ବୃଦ୍ଧିରେ ଦାୟୀ କରି। ଏହି ଆନ୍ଦୋଳନ ଇଗଟଉଙ (ଅଲ ମଣିପୁର ୟୁନାଇଟେଡ କ୍ଲବ୍ସ ଅର୍ଗାନାଇଜେସନ), ପୋରେଇଲେଇମାରିଲ, ଇଗଇଉଙଠଇ (ଅଲ ମଣିପୁର ୱିମେନ୍ସ ଭଲଣ୍ଟାରୀ ଆସୋସିଏସନ), ଗଝଋ (ମଣିପୁରୀ ଷ୍ଟୁଡେଣ୍ଟସ ଫେଡେରେସନ), ଏବଂ ଉଙଐଜ (କମିଟି ଅନ ହ୍ୟୁମାନ ରାଇଟସ) ସମେତ ନାଗରିକ ସମାଜ ସଂଗଠନଗୁଡ଼ିକର ଏକ ମେଣ୍ଟ ଦ୍ୱାରା ପରିଚାଳିତ ହୋଇଥିଲା। ବିଷ୍ଣୁପୁର ଏବଂ ଉତ୍ତର-ପୂର୍ବ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସମନ୍ୱିତ ପ୍ରଦର୍ଶନର ଖବର ମିଳିଛି। ସୋମବାର ରାଜ୍ୟପାଳ ଭଲ୍ଲା ନୂଆଦିଲ୍ଲୀରୁ ଇମ୍ଫାଲ ଆସିଥିଲେ ଏବଂ ଆନ୍ଦୋଳନକାରୀମାନେ ଟିଡିମ ରୋଡ଼ର କ୍ୱାକେଇଥେଲ ଅଞ୍ଚଳରେ ଏକତ୍ରିତ ହୋଇ ରାଜ ଭବନ ଆଡ଼କୁ ତିନି କିଲୋମିଟର ଦୂରତା ମାର୍ଚ୍ଚ କରିବାକୁ ଯୋଜନା କରୁଥିବା ବେଳେ ସେନା ହେଲିକପ୍ଟର ମାଧ୍ୟମରେ କାଙ୍ଗଲା ଦୁର୍ଗକୁ ଏୟାରଲିଫ୍ଟ କରାଯାଇଥିଲା।

କ୍ୱାକେଇଥେଲରେ ଆନ୍ଦୋଳନକାରୀମାନେ ରାଜ୍ୟପାଳଙ୍କ ପୁତଳା ଜାଳିବାକୁ ଚେଷ୍ଟା କରିଥିଲେ, ଯାହା ଆନ୍ଦୋଳନକାରୀ ଓ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷକୁ ଜନ୍ମ ଦେଇଥିଲା। ଚଳିତ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଇମ୍ଫାଲରେ ଆସାମ ରାଇଫଲସ ଏବଂ ରାପିଡ ଆକ୍ସନ ଫୋର୍ସ ସମେତ କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଇଛି।

# ବାଂଲାଦେଶ ସୀମାରେ ଯୁଦ୍ଧ ସ୍ଥିତି !



ନୂଆଦିଲ୍ଲୀ,୨୭।୫: ବାଂଲାଦେଶର ଚାଇନା ସହ ବଢୁଥିବା ସମ୍ପର୍କକୁ ମୁକାବିଲା କରିବା ପାଇଁ ଭାରତ ଅରୁଣାଚଳ ପ୍ରଦେଶରେ ଥିବା ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ବ୍ୟବହୃତ ବିଜୟନଗର ଏୟାରବେସ୍ ?କୁ ପୁଣିଥରେ ସକ୍ରିୟ କରିବାକୁ ଯୋଜନା କରୁଛି। ଏହି ଏୟାରବେସ, ଯାହା ଚାଙ୍ଗ ଜିଲ୍ଲାରେ ଅବସ୍ଥିତ। ଏହା ଚାଇନା ସୀମା ନିକଟରେ ଏବଂ ଭାରତ-ବାଂଲାଦେଶ ବର୍ଡର ଠାରୁ ୨୦କିମି ଦୂରରେ ରହିଛି। ଯାହାକୁ ନେଇ ଭାରତ ଏକ ରଣନୀତି ପ୍ରସ୍ତୁତ କରୁଛି। ରିପୋର୍ଟ ଅନୁସାରେ, ଏହି ଏୟାରବେସରେ ଆଧୁନିକ ସୁବିଧା ଯୋଗ କରାଯିବ ଏବଂ ଏହାକୁ ସାମରିକ କାର୍ଯ୍ୟକଳାପ ପାଇଁ ପୁନଃ ସକ୍ରିୟ କରାଯିବ। ବାଂଲାଦେଶରେ ଚାଇନାର ବଢୁଥିବା ପ୍ରଭାବ, ବିଶେଷକରି ସାମରିକ ଓ ଅର୍ଥନୈତିକ କ୍ଷେତ୍ରରେ, ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଏହି ପଦକ୍ଷେପ ମାଧ୍ୟମରେ ଭାରତ ପୂର୍ବାଞ୍ଚଳ ସୀମାରେ ନିଜର ସାମରିକ ଶକ୍ତିକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏୟାରବେନର ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡ଼ିଛି, ଯାହା ଦ୍ୱାରା ଭାରତୀୟ ବାୟୁସେନାର ଯୁଦ୍ଧ ବିମାନ ଓ ହେଲିକପ୍ଟରଗୁଡ଼ିକ ଏହି ଅଞ୍ଚଳରେ ଅଧିକ ସକ୍ରିୟ ହୋଇପାରିବ। ଏହା ଭାରତର ଜାତୀୟ ସୁରକ୍ଷା ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ଜ୍ୟୋତିଙ୍କ ପରି ଧରାପଡିଲେ ସୁନୀତା !



ନୂଆଦିଲ୍ଲୀ,୨୭।୫: ହରିୟାଣାର ହିସାରର ବାସିନ୍ଦା ଜ୍ୟୋତି ମାଲହୋତ୍ରାଙ୍କୁ ଗୁପ୍ତଚର ଅଭିଯୋଗରେ ଜେଲ ପଠାଇ ଦିଆଯାଇଛି। ସେ ଦୁଇଥର ପାକିସ୍ତାନ ଗସ୍ତ କରିଥିଲେ ଏବଂ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ଏଜେଣ୍ଟମାନେ ମଧ୍ୟ ତାଙ୍କର ବନ୍ଧୁ ଥିଲେ। ସେହିପରି, ମହାରାଷ୍ଟ୍ରର ନାଗପୁରର ଜଣେ ମହିଳା ପାକିସ୍ତାନର ଦୁଇଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଥିଲେ। କେବଳ ଏତିକି ନୁହେଁ, ଏହି ବର୍ଷ ସେ ବେଆଇନ ଭାବରେ ସୀମା ପାର କରି ଦୁଇଥର ପାକିସ୍ତାନ ଯାଇଛନ୍ତି। ଏହି ସମୟରେ, ପୋଲିସ ସୁନିତାଙ୍କ ସମ୍ପର୍କରେ ଏକ ବଡ଼ ଖୁଲାସା କରିଛି। ପୋଲିସ କହିଛି ଯେ ସେ ଯେଉଁଭଳି ଭାବରେ ପାକିସ୍ତାନର ଜୁଲଫିକର ଏବଂ ଜଣେ 'ମୌଲାନା'ଙ୍କ ସହ କଥା ହେଉଥିଲେ, ତାହା ସୁନିତାଙ୍କ ଉପରେ ସନ୍ଦେହ ବୃଦ୍ଧି କରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ନିୟନ୍ତ୍ରଣ ରେଖା (ଖକ୍ଟଉ) ରୁ ନିଖୋଜ ହୋଇଥିବା ନାଗପୁରର ୪୩ ବର୍ଷୀୟା ମହିଳା ସୁନୀତା ଜାମଗାଡେଙ୍କୁ ମିଳିଛି। ସେ ସୀମା ପାର କରି ପାକିସ୍ତାନରେ ପ୍ରବେଶ କରିଥିଲେ, ଏହା ପରେ ପାକିସ୍ତାନୀ ପ୍ରଶାସନିକ ଅଧିକାରୀମାନେ ଶନିବାର (୨୪ ମଇ) ଦିନ ଅମୃତସରର ଅଟାରୀ ସୀମାରେ ସୁନିତାଙ୍କୁ ସୀମା ସୁରକ୍ଷା ବଳ (ଇଝଋ)କୁ ହସ୍ତାନ୍ତର କରିଥିଲେ। ତଥାପି, ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ସୁନିତା ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ଜଣେ ପାକିସ୍ତାନୀ ବ୍ୟକ୍ତିଙ୍କ ସହ ଚାଟିଂ କରୁଥିଲେ। ଏହି ଖୁଲାସା ପରେ, ସୁରକ୍ଷା ବାହିନୀ ଏହି ଚାଟିଂ କ'ଣ ବିଷୟରେ ଥିଲା ଏବଂ ଏହା ଆପତ୍ତିଜନକ କି ନାହିଁ ତାହା ତଦନ୍ତ କରୁଛନ୍ତି। ଏପରି ପରିସ୍ଥିତିରେ, କଳ୍ପନାଜଳ୍ପନା କରାଯାଉଛି ଯେ ସୁନିତା ପାକିସ୍ତାନ ପାଇଁ ଗୁପ୍ତଚର କରୁଥିଲେ ନା ପ୍ରେମ ସମ୍ପର୍କ ଯୋଗୁଁ ସେ ପାକିସ୍ତାନ ଯିବାକୁ ନିଷ୍ପତ୍ତି ନେଇଥିଲେ? ଉଲ୍ଲେଖନୀୟ ଯେ ସୁନିତା ମେ ୪ ତାରିଖରେ ନାଗପୁର ଛାଡି କଶ୍ମୀର ବୁଲିବାକୁ ଯାଇଥିଲେ। ଏବଂ ସେ ତାଙ୍କ ୧୨ ବର୍ଷର ପୁଅକୁ ମଧ୍ୟ ସାଙ୍ଗରେ ନେଇଥିଲେ। ତା'ପରେ ମେ ୧୦ ତାରିଖରେ ସେ ପିଲାଟିକୁ ଛାଡି ଚାଲିଗଲେ। ପିଲାଟି ଦେଇଥିବା ସୂଚନା ଆଧାରରେ, କାରଗିଲ ପୋଲିସ ସୁନିତାଙ୍କୁ ଖୋଜିଥିଲା କିନ୍ତୁ ତାଙ୍କୁ ଖୋଜି ପାଇନଥିଲା। ତଥାପି, ପରେ ପାକିସ୍ତାନୀ ଅଧିକାରୀମାନେ ଅଟାରୀ ସୀମାରେ ସୁନିତାଙ୍କୁ ବିଏସଏଫକୁ ହସ୍ତାନ୍ତର କରିଥିଲେ। ସୁନିତାଙ୍କୁ ହେପାଜତକୁ ନେବା ପରେ, ଅମୃତସର ଗ୍ରାମୀଣ ପୋଲିସ ଜଣେ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ ତାଙ୍କ ବିରୁଦ୍ଧରେ ଜିରୋ ଏଫଆଇଆର ଅଧୀନରେ ଏକ ମାମଲା ରୁଜୁ କରିଥିଲା। ଏହା ପରେ, ପ୍ରାଥମିକ ପଚରାଉଚରା ପରେ, ସୁନୀତା ଜାମଗାଡେଙ୍କୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସୋମବାର ରାତିରେ (୨୬ ମଇ, ୨୦୨୫) ନାଗପୁରର କପିଳ ନଗର ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, ଅମୃତସର ପୋଲିସ ରବିବାର (୨୫ ମଇ, ୨୦୨୫) ରେ ଧାରା ୩, ୪, ୫ ଏବଂ ଅଫିସିଆଲ ସିକ୍ରେଟ୍ସ ଆକ୍ଟ (ଡଝଇ) ର ଅନ୍ୟାନ୍ୟ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରିଛି, କିନ୍ତୁ ନାଗପୁର ପୋଲିସ ଏହା ଉପରେ କୌଣସି ମତାମତ ଦେବାକୁ ପ୍ରସ୍ତୁତ ନୁହେଁ।

## ରାଷ୍ଟ୍ରପତିଙ୍କୁ ଶକ୍ତ ଚାପୁଡା ମାରିଲେ ସ୍ତ୍ରୀ

ନୂଆଦିଲ୍ଲୀ : : ରାଷ୍ଟ୍ରପତି ହେଉଛନ୍ତି ଦେଶର ମୁଖ୍ୟ । କେବଳ ଦେଶର ମୁଖ୍ୟ ନୁହନ୍ତି ବରଂ ଦେଶର ପ୍ରଥମ ନାଗରିକ । ତେଣୁ ତାଙ୍କ ବ୍ୟକ୍ତିତ୍ୱକୁ ନେଇ ସବୁବେଳେ ଚର୍ଚ୍ଚା ହେବା ସ୍ୱାଭାବିକ କଥା । ସେ ଯେଉଁଠିକୁ ଗସ୍ତ କରନ୍ତି ସେଠାରେ ସୁରକ୍ଷା ବ୍ୟବସ୍ଥା ବି କଡ଼ାକଡ଼ି କରାଯାଏ । ହେଲେ ପ୍ଲେନ୍‌ରେ ଯାଉଥିବା ବେଳେ ରାଷ୍ଟ୍ରପତିଙ୍କୁ ଯେବେ ଚାପୁଡ଼ା ମରାଯାଏ...କେବେ ଭାବିପାରୁଛନ୍ତି କି । ଏମିତି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି ଫ୍ରାନ୍ସରେ । ଭିଏତନାମ୍ ଗସ୍ତରେ ଥିଲେ ଫ୍ରାନ୍ସ ରାଷ୍ଟ୍ରପତି । ଏହି ସମୟରେ ସେ ବିମାନରୁ ଓହ୍ଲାଇବା ବେଳେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଚାପୁଡ଼ା ଖାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି ।

# ପନ୍ତଙ୍କ ଶତକ ଉପରେ ଭାରି ପଡ଼ିଲା ଜିତେଶଙ୍କ ୮୫ ରନ

## ଲକ୍ଷ୍ନୌକୁ ୬ ୱିକେଟରେ ହରାଇଲା ବେଙ୍ଗାଲୁରୁ







ଲକ୍ଷ୍ନୌ, ୨୭।୫: ଜିତେଶ ଶର୍ମାଙ୍କ ଅପରାଜିତ ଅର୍ଦ୍ଧଶତକ ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ବେଙ୍ଗାଲୁରୁ ନିଜ ଆଇପିଏଲ୍ ଇତିହାସର ସବୁଠୁ ବଡ଼ ଲକ୍ଷ୍ୟ ହାସଲ କରିଛି। ୧୮.୪ ବଲରେ ୪ ୱିକେଟ୍ ହରାଇ ଲକ୍ଷ୍ନୌ ଦେଇଥିବା ୨୨୮ ରନର୍ ବିଜୟ ଲକ୍ଷ୍ୟ ହାସଲ କରିଛି ଆରସିବି। ଏହାସହ ପଏଣ୍ଟ ଟେବୁଲର ଦ୍ୱିତୀୟରେ ରହି କ୍ୱାଲିଫାୟାର-୧ରେ ନିଜ ସ୍ଥାନ ପକ୍କା କରିଛି। ଏବେ କ୍ୱାଲିଫାୟାର-୧ରେ ପଞ୍ଜାବ କିଙ୍ଗ୍ସକୁ ଭେଟିବ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ୨୨୮ ରନର୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଆରସିବି ପାଇଁ ଦୁଇ ଓପନର ଭଲ ଆରମ୍ଭ ଦେଇଥିଲେ। ଦୁହିଁଙ୍କ ମଧ୍ୟରେ ୬୧ ରନ୍ ପାର୍ଟନରଶିପ୍ ହୋଇଥିଲା । ଫିଲିପ ସଲ୍ଟ ୩୦, ବିରାଟ କୋହଲି ୫୪, ରଜତ ପାଟିଦାର ୧୪ କରି ଆଉଟ୍ ହୋଇଥିଲେ। ଦଳ ଏକଦା କ୍ରମାଗତ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ମୟଙ୍କ ଅଗ୍ରୱାଲ ଓ ଜିତେଶ ଶର୍ମା ମ୍ୟାଚକୁ ଜିତାଇଥିଲେ। ଅଗ୍ରାଲ ୪୧ ଓ ଜିତେଶ ଶର୍ମା ୮୫ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଁ ଓହ୍ଲାଇଥିବା ଲକ୍ଷ୍ନୌକୁ ୨୫ ରନରେ ପ୍ରଥମ ଝଟକା ଲାଗିଥିଲା । ମାଥ୍ୟୁ ବ୍ରିଟଜ୍‌କେଙ୍କୁ ନୁାନ ତୁଷାରା ବୋଲ୍ଡ କରିଥିଲେ । ସେ ୧୪ ରନ୍ କରିବା ପରେ ଆଉଟ ହୋଇଥିଲେ। ଏହାପରେ ତୃତୀୟ ନମ୍ବରରେ ଆସିଥିବା ଅଧିନାୟକ ରିଷଭ ପନ୍ତ ପାଳି ସମ୍ଭାଳିଥିଲେ। ସେ ମିଚେଲ୍ ମାର୍ଶଙ୍କ ସହ ଦ୍ୱିତୀୟ ୱିକେଟ ପାଇଁ ୧୫୨ ରନର ଏକ ବିଶାଳ ଭାଗିଦାରୀ କରିଥିଲେ। ମାର୍ଶ ୩୭ ବଲ୍‌ରେ ୪ଟି ଚୌକା ଏବଂ ୫ଟି ଛକା ସହାୟତାରେ ୬୭ ରନ୍ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ରିଷଭ ପନ୍ତ ୫୪ ବଲରେ ତାଙ୍କ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିଲେ । ସେ ୬୧ ବଲ୍‌ରେ ୧୧ ଚୌକା ଏବଂ ୮ ଛକା ସହାୟତାରେ ୧୧୮ ରନ୍ କରିବା ପରେ ଅପରାଜିତ ଫେରିଥିଲେ। ଆରସିବି ପକ୍ଷରୁ ନୁୱାନ ତୁଷାରା, ଭୁବନେଶ୍ୱର କୁମାର ଏବଂ ରୋମାରିଓ ସେଫର୍ଡ ଗୋଟିଏ ଲେଖାଏଁ କେଟ ନେଇଥିଲେ।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୧୪ | ୦୯ | ୦୩ | ୧୯ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୪ | ୦୯ | ୦୪ | ୧୯ |
| ଗୁଜରାଟ ଟାଇଟନ୍ସ | ୧୪ | ୦୯ | ୦୫ | ୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୦୮ | ୦୬ | ୧୬ |
| ଦିଲ୍ଲୀ କ୍ୟାପିଟାଲ୍ | ୧୪ | ୦୭ | ୦୫ | ୧୫ |
| ସନରାଇଜର୍ସ ହାଇଦ୍ରାବାଦ | ୧୪ | ୦୬ | ୦୭ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୪ | ୦୫ | ୦୭ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୪ | ୦୬ | ୦୮ | ୧୨ |
| ରାଜସ୍ଥାନ ରୟାଲ୍ସ | ୧୪ | ୦୪ | ୧୦ | ୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୦୪ | ୦୯ | ୦୮ |

## ଭାରତକୁ ହାଲ୍‌କା ଭାବେ ନେବାର ଭୁଲ୍ କରିବୁନି: ଷ୍ଟୋକ୍ସ

ଲଣ୍ଡନ, ୨୭।୫: ଭାରତୀୟ କ୍ରିକେଟ୍ ଦଳର ଦୁଇ ମହାରଥୀ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି ।ଜୁନ୍‌ରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବାକୁ ଥିବାରୁ କୋହଲି ଓ ରୋହିତଙ୍କ ଅନୁପସ୍ଥିତି ଭାରତୀୟ ଦଳକୁ ପୂର୍ବାପେକ୍ଷା ଦୁର୍ବଳ କରି ଦେଇଛି। ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚା ପାଇଁ ଭାରତୀୟ ଦଳକୁ ହାଲ୍‌କା ଭାବେ ନ ନେବାକୁ ଇଂଲଣ୍ଡର ତାରକା ଅଲରାଉଣ୍ଡର୍ ବେନ୍ ଷ୍ଟୋକ୍ସ ସାଥୀ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି ଇଂଲଣ୍ଡ ଏବଂ ଲେ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ନିଜସ୍ୱ ବେସାଇଟ୍‌କୁ ସାକ୍ଷାତକାର ଦେଇ କହିଛନ୍ତି।

# ଘରୋଇ କ୍ରିକେଟରୁ ଅବସର ନେଲେ ପ୍ରିୟାଙ୍କ ପାଞ୍ଚାଲ

ନୂଆଦିଲ୍ଲୀ, ୨୭।୫: ଭାରତୀୟ କ୍ରିକେଟ ଦଳ ଆଇପିଏଲ ୨୦୨୫ ପରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଯାତ୍ରା କରିବ। ଏଥିପାଇଁ ବିସିସିଆଇ ଦଳ ଘୋଷଣା କରିଛି। ଏହି ଗସ୍ତ ପୂର୍ବରୁ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟରୁ ଅବସର ନେଇସାରିଛନ୍ତି। ଶୁବମନ ଗିଲଙ୍କ ଅଧିନାୟକତ୍ୱରେ ଏକ ଯୁବ ଦଳ ଇଂଲଣ୍ଡ ଯିବ। ଏହି ସମୟରେ, ଆଉ ଜଣେ ଭାରତୀୟ କ୍ରିକେଟର ଏକ ଭାବପ୍ରବଣ ପୋଷ୍ଟ କରି ସମସ୍ତଙ୍କ ଚମକାଇ ଦେଇଛନ୍ତି ।ଘରୋଇ କ୍ରିକେଟରେ ଗୁଜରାଟ ପାଇଁ ଖେଳିଥିବା ପ୍ରିୟାଙ୍କ ପାଞ୍ଚାଲ ୩୫ ବର୍ଷ ବୟସରେ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇଛନ୍ତି। ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୮ ହଜାରରୁ ଅଧିକ ରନ କରିଥିଲେ। ଓପନର ପ୍ରିୟାଙ୍କ ଘରୋଇ କ୍ରିକେଟରେ ୨୫୦ ରୁ ଅଧିକ ମ୍ୟାଚ ଖେଳିଛନ୍ତି।

**୧୨୭ ପ୍ରଥମ ଶ୍ରେଣୀ ମ୍ୟାଚରେ ୪୫.୧୮ ହାରରେ ୮୮୫୬ ରନ, ୨୯ ଶତକ**




୨୦୨୧ ମସିହାରେ, ପ୍ରିୟାଙ୍କ ଭାରତୀୟ ଦଳରେ ମନୋନୀତ ହୋଇଥିଲେ। ଦକ୍ଷିଣ ଆଫ୍ରିକା ଗସ୍ତରେ ରୋହିତ ଶର୍ମା ଆହତ ହେବା ପରେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ତାଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳି ନ ଥିଲା ।ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା କରି ସେ ତାଙ୍କ ସୋସିଆଲ ମିଡିଆରେ ଲେଖିଛନ୍ତି, ବଡ଼ ହେବା ପରେ, ସମସ୍ତେ ସେମାନଙ୍କ ବାପାଙ୍କୁ ଆଦର୍ଶ କରନ୍ତି, ପ୍ରେରଣା ପାଆନ୍ତି ଏବଂ ସେମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି, ମୁଁ ମଧ୍ୟ ଭିନ୍ନ ନ ଥିଲି। ମୋ ବାପା ବହୁତ ଦିନ ଧରି ମୋ ପାଇଁ ଶକ୍ତିର ଉତ୍ସ ଥିଲେ, ସେ ମୋତେ ଯେଉଁ ଶକ୍ତି ଦେଇଥିଲେ, ସେ ମୋତେ ମୋର ସ୍ୱପ୍ନକୁ ପିଛା କରିବାକୁ, ଏକ ଛୋଟ ସହରରୁ ଉଠି ଗୋଟିଏ ଦିନ ଭାରତ କ୍ୟାପ ପିନ୍ଧିବାକୁ ସାହସ କରିବାକୁ ଉତ୍ସାହିତ କରିଥିଲେ। ସେ ବହୁତ ପୂର୍ବରୁ ଆମକୁ ଛାଡ଼ି ଚାଲିଗଲେ, ଏବଂ ଏହା ଏକ ସ୍ୱପ୍ନ ଥିଲା ଯାହା ମୁଁ ପ୍ରାୟ ଦୁଇ ଦଶନ୍ଧି ଧରି ବୁଲାଇ ଆସିଥିଲି। ମୁଁ ପ୍ରଥମ ଶ୍ରେଣୀ କ୍ରିକେଟରୁ ମୋର ଅବସର ଘୋଷଣା କରୁଛି। ଏହା ଏକ ଭାବପ୍ରବଣ ମୁହୂର୍ତ୍ତ। ଏହା ଏକ ସମୃଦ୍ଧ ମୁହୂର୍ତ୍ତ ଏବଂ ଏହା ଏକ ମୁହୂର୍ତ୍ତ ଯାହା ମୋତେ ଅତ୍ୟନ୍ତ କୃତଜ୍ଞତାରେ ଭରିଦିଏ।

ଗୁଜୁରାଟ ଏବଂ ପଶ୍ଚିମ ଜୋନ ପାଇଁ ଖେଳିଥିବା ପ୍ରିୟାଙ୍କ ୧୨୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ରେ ୪୫.୧୮ ହାରରେ ୮୮୫୬ ରନ କରିଥିଲେ। ଏଥିରେ ୨୯ଟି ଶତକ ଏବଂ ୩୪ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ପ୍ରଥମ ଶ୍ରେଣୀରେ ତାଙ୍କ ନାମରେ ୧୬ଟି ଉଇକେଟ ମଧ୍ୟ ଅଛି। ସେ ୯୭ଟି ଲିଷ୍ଟ ଏ ମ୍ୟାଚ୍ରେ ୩୬୭୨ ରନ ଏବଂ ୫୯ଟି ଟି-୨୦ ମ୍ୟାଚ୍ରେ ୧୫୨୨ ରନ କରିଛନ୍ତି। ଲିଷ୍ଟ ଏ ରେ ତାଙ୍କ ନାମରେ ୮ଟି ଶତକ ଏବଂ ୨୧ଟି ଅର୍ଦ୍ଧଶତକ ଅଛି।

# ଆଇପିଏଲ୍ ଫାଇନାଲରେ 'ଅପରେଶନ ସିନ୍ଦୂର'ର ବିଜୟ ଉତ୍ସବ

ନୂଆଦିଲ୍ଲୀ, ୨୭।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ର ଉଦ୍ୟାପନୀ ସମାରୋହ ହେବ ବେଶ୍ ଦମ୍‌ଦାର । ତେବେ ଏହି ସମାରୋହ କେବଳ ଭାରତୀୟ ସଶସ୍ତ୍ର ବାହିନୀକୁ ଉତ୍ସର୍ଗ କରାଯିବ। କ୍ରିକେଟ ମଇଦାନରେ ସେନାର ଶୌର୍ଯ୍ୟକୁ କରାଯିବ ସଲାମ । ଆଇପିଏଲ ଗ୍ରାଣ୍ଡ ଫାଇନାଲରେ ଅପରେସନ ସିନ୍ଦୂରର ସଫଳତା ଉତ୍ସବ ପାଳନ ହେବ । ସିଡିଏସଙ୍କ ସମେତ ତିନି ସେନାର ମୁଖ୍ୟ ଏହି ଅବସରରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଇଛି ।

**ଆଇପିଏଲ୍ ଫାଇନାଲରେ ଯୋଗଦେବାକୁ ୩ ସେନା ମୁଖ୍ୟଙ୍କୁ ନିମନ୍ତ୍ରଣ**




ବିସିସିଆଇ ପକ୍ଷରୁ ଏନେଇ ପ୍ରସ୍ତୁତି କରାଯାଉଥିବା ଜାତୀୟ ଗଣମାଧ୍ୟମରୁ ସୂଚନା ମିଳିଛି। ଜୁନ ୩ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ ଆଇପିଏଲ ୨୦୨୫ର ଫାଇନାଲ ମୁକାବିଲା । ଉଦଯାପନୀ ଉତ୍ସବକୁ ଭାରତୀୟ ସେନାର ବୀର ଯବାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ । ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ, ଅପରେସନ ସିନ୍ଦୂରରେ ନେଇଛି ଭାରତ। ପୂରା ଦେଶବାସୀ ସେନାବାହିନୀକୁ ପ୍ରଶଂସା କରୁଥିବାବେଳେ ବିସିସିଆଇ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି କରୁଛି ।

ଅପରେସନ ସିନ୍ଦୂର ପରେ ସୁରକ୍ଷା ଦୃଷ୍ଟିରୁ ପାଖାପାଖି ୧ ସପ୍ତାହ ଧରି ଆଇପିଏଲକୁ ସ୍ଥଗିତ ରଖାଯାଇଥିଲା । ମେ ୧୭ ତାରିଖରୁ ପୁଣି ଥରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିବା ବେଳେ ଜୁନ ୩ ତାରିଖରେ ହେବ ଫାଇନାଲ୍ ଫାଇଟ୍ । ଏହି ସମୟରେ, 'ଅପରେସନ୍ ସିନ୍ଦୂର'ର ନାୟକମାନଙ୍କୁ ସମ୍ମାନିତ କରାଯିବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଘୋଷଣା କରିଛି ଯେ ଆଗାମୀ ଓଟଖ ୨୦୨୫ର ଫାଇନାଲ ଭାରତୀୟ ସଶସ୍ତ୍ର ବାହିନୀର ସମ୍ମାନାର୍ଥେ ଉତ୍ସର୍ଗ କରାଯିବ ।ବିସିସିଆଇ ସଚିବ ଦେବଜିତ ସାଇକିଆ। କହିଛନ୍ତି- ବିସିସିଆଇ ପକ୍ଷରୁ, ଆମେ ଆମର ସାହସୀ ସୈନିକଙ୍କ ସାହସ, ସାହସ ଏବଂ ନିଃସ୍ୱାର୍ଥପର ସେବାକୁ ସଲାମ କରୁଛୁ। କହିବାକୁ ଗଲେ ୨୨ ଏପ୍ରିଲରେ ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଯାଇଥିଲା ୨୬ ସାଧାରଣ ନାଗରିକଙ୍କ ଜୀବନ । 'ଅପରେଶନ ସିନ୍ଦୂର' ମେ ୭ ତାରିଖରେ ଆରମ୍ଭ ହୋଇଥିଲା ଏବଂ ଏହାର ଲକ୍ଷ୍ୟ ଥିଲା ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା।

ଏହି ଆକ୍ରମଣ ସେହି ଆତଙ୍କବାଦୀମାନଙ୍କ ଉପରେ କରାଯାଇଥିଲା ଯେଉଁମାନେ ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୋଇବା ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନ ସହିତ ଜଡିତ ଥିଲେ। ଏପ୍ରିଲ ୨୦୨୫ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ନିରୀହ ଲୋକ ପ୍ରାଣ ହରାଇବାରୁ ଅପରେଶନ ସିନ୍ଦୂର ଆରମ୍ଭ କରାଯାଇଥିଲା, ଯାହାର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ।ଏବେ ଅପରେଶନ ସିନ୍ଦୂରର ସଫଳତା ଆଇପିଏଲରେ ମଧ୍ୟ ପାଳନ କରାଯିବ।

# ଟି୨୦ ଦଳକୁ ଫେରିବାକୁ ରାହୁଲଙ୍କ ଲକ୍ଷ୍ୟ

ନୂଆଦିଲ୍ଲୀ, ୨୭।୫: ୨୦୨୬ରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳକୁ ଫେରିବାକୁ ସିନିୟର ବ୍ୟାଟର ଲୋକେଶ ରାହୁଲ ଲକ୍ଷ୍ୟ ରଖିଛନ୍ତି। ଏହି ଫର୍ମାଟରୁ ଦୂରେଇ ରହିବା ଯୋଗୁ ତାଙ୍କୁ ହ୍ୱାଇଟ-ବଲ ଗେମ୍ ଉପରେ କାମ କରିବାକୁ ସମୟ ମିଳିଥିଲା ବୋଲି ସେ ପ୍ରକାଶ କରିଛନ୍ତି।

ରାହୁଲ ୩ ବର୍ଷ ତଳେ ଭାରତ ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। ସେ ଅନ୍ତିମ ଥର ଇଂଲଣ୍ଡ ବିପକ୍ଷ ୨୦୨୨ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ଖେଳିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଆସନ୍ତା ବର୍ଷ ଶ୍ରୀଲଙ୍କା ସହିତ ମିଳିତ ଭାବେ ଟି୨୦ ବିଶ୍ୱକପ୍ ଆୟୋଜନ କରିବ। ରାହୁଲ ଚଳିତ ବର୍ଷ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୩ ମ୍ୟାଚ୍ରେ ୧୪୯.୭୨ ଷ୍ଟ୍ରାଇକରେଟରେ ୫୩୯ ରନ କରିଥିଲେ। ଗତ ୬ ସିଜନରେ ପଞ୍ଚମ ଥର ପାଇଁ ରାହୁଲ ୫୦୦ରୁ ଅଧିକ ରନ କରିଥିଲେ।




ଭାରତୀୟ ଟି୨୦ ଦଳକୁ ଫେରିବାକୁ ଚାହୁଁଛି। ମୋ ମନରେ ଟି୨୦ ବିଶ୍ୱକପ୍ ଅଛି। କିନ୍ତୁ ବର୍ତ୍ତମାନ ମୁଁ ଯେଉଁଭଳି ଖେଳୁଛି, ତାହାର ଆନନ୍ଦ ନେବାକୁ ଚାହୁଁଛି। ଅବଶ୍ୟ ମୋତେ ମୋ ହ୍ୱାଇଟ-ବଲ ଗେମ୍ ଉପରେ ଚିନ୍ତା ଓ କାମ କରିବାକୁ କିଛି ସମୟ ମିଳିଥିଲା। ମୁଁ ମୋ ପ୍ରଦର୍ଶନରେ ଏବଂ ବର୍ତ୍ତମାନ ମୁଁ ଯେଉଁଠି ଅଛି, ସେଥିରେ ଖୁସି ଅଛି।

# ପିସିବିର ଅଜବ ନିଷ୍ପତ୍ତି

ଲାହୋର, ୨୭।୫: ବାଂଲାଦେଶ ବିପକ୍ଷରେ ହେବାକୁ ଯାଉଥିବା ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ରେ ଡିଆରଏସ୍ ଟେକ୍‌ନୋଲୋଜି ବ୍ୟବହାର ନ କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ନିଷ୍ପତ୍ତି ନେଇଛି। ବୁଧବାରଠାରୁ ଆରମ୍ଭ ହେଉଥିବା ସିରିଜ୍‌ରେ ପ୍ରଶଂସକ ଓ ପ୍ରାୟୋଜକଙ୍କ ମଧ୍ୟରେ ଇଚ୍ଛାର ଅଭାବ ଥିବାରୁ ଡିଆରଏସ୍ ଟେକ୍‌ନୋଲୋଜି ବ୍ୟବହାର ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସିରିଜ୍‌ରେ ଡିଆରଏସ୍ ଟେକ୍‌ନୋଲୋଜିର ବ୍ୟବହାର ବୋର୍ଡ କିମ୍ବା ପ୍ରସାରଣକାରୀ ସଂସ୍ଥା ଲାଗି ଲାଭଦାୟକ ହେବ ନାହିଁ ବୋଲି ସୂତ୍ରରୁ କୁହାଯାଇଛି । ବାଂଲାଦେଶ ତାର କିଛି ମୁଖ୍ୟ ଖେଳାଳିଙ୍କ ବିନା ପାକିସ୍ତାନ ଟୁର୍ କରିଛି ।ଅଭିଜ୍ଞ ବାମହାତୀ ପେସର ମୁସ୍ତାଫିଜୁର ରହମାନ ବୁଢ଼ାଆଙ୍ଗୁଠି ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି ।ଅନ୍ୟ କିଛି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ସୁରକ୍ଷାଜନିତ କାରଣରୁ ଏହି ଟୁର୍‌ରେ ଭାଗ ନ ନେବାକୁ ନିଷ୍ପତ୍ତି ନେଇଛନ୍ତି।

# ୨୯ରୁ ପ୍ଲେ ଅଫ୍ : ଏଥର ଚାମ୍ପିଅନ୍ ଦଳକୁ ମିଳିବ କେତେ ?

ନୂଆଦିଲ୍ଲୀ ୨୭।୦୫: ଚାଲିଛି ଆଇପିଏଲ୍ ମହାସମର। ଶେଷ ପର୍ଯ୍ୟାୟରେ ମୁକାବିଲା । ପ୍ଲେଅଫ୍ ମ୍ୟାଚ୍ ମେ ୨୯ରୁ ଆରମ୍ଭ ହେବ । ଆଉ ଫାଇନାଲ୍ ମ୍ୟାଚ୍ ଜୁନ୍ ୩ରେ ଖେଳାଯିବ । ଏଥର ଗୁଜରାଟ ଟାଇଟାନ୍ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ପଞ୍ଜାବ କିଙ୍ଗସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେଅଫରେ ସ୍ଥାନ ପାଇଛନ୍ତି । ଏହାବ୍ୟତୀତ ସିଜିନର ବିଜେତା ଟିମକୁ ଦିଆଯିବ ପୁରସ୍କାର ରାଶି । ଯାହା ଉପରେ ରହିଛି ସମସ୍ତଙ୍କ ନଜର । କିନ୍ତୁ ଜାଣନ୍ତି କି ଆଇପିଏଲ୍ ସିଜିନ୍ ଆରମ୍ଭରୁ କେତେ ମିଳୁଥିଲା ? ସିଜିନ୍ ଆରମ୍ଭ ବେଳେ କେତେ ରହିଥିଲା ପ୍ରାଇଜ୍ ମନି ? ଏବେ କେତେ ବଢ଼ିଛି ପୁରସ୍କାର ରାଶି ?

ରିପୋର୍ଟ ଅନୁଯାୟୀ ୨୦୦୮ରୁ ୨୦୦୯ ଯାଏଁ ବିଜେତା ଟିମକୁ ପୁରସ୍କାର ରାଶି ଭାବେ ମିଳୁଥିଲା ୪ କୋଟି ୮ ଲକ୍ଷ । ସେହିପରି ରନରଅପ୍ ଟିମକୁ ମିଳୁଥିଲା ୨ କୋଟି ୪୦ ଲକ୍ଷ ଟଙ୍କା । ସେହିପରି ୨୦୧୦-୧୩ ଯାଏଁ ବିଜେତା ଟିମକୁ ମିଳୁଥିଲା ୧୦ । ସେହିପରି ରନରଅପ୍ ଟିମକୁ ମିଳୁଥିଲା ୫ କୋଟି ଟଙ୍କା । ୨୦୧୪-୨୦୧୫ ବିଜେତା ଟିମକୁ ୧୫ କୋଟି ଏବଂ ରନରଅପ୍ ଟିମକୁ ମିଳୁଥିଲା ୧୦ କୋଟି ଟଙ୍କା । ୨୦୧୬ରେ ଏହି ରାଶି ପୁଣି ବୃଦ୍ଧି ପାଇଥିଲା । ବିଜେତା ଟିମକୁ ମିଳିଥିଲା ୧୬ କୋଟି କିନ୍ତୁ ରନରଅପ୍ ଟିମକୁ ପୂର୍ବବର୍ଷ ପରି ସମାନ ପୁରସ୍କାର ରାଶି ମିଳିଥିଲା। ତେବେ ୨୦୧୭ରେ ବିଜେତା ଟିମ୍ ପାଇଁ ପୁରସ୍କାର ରାଶି କମି ହୋଇଥିଲା ୧୫ କୋଟି ।ସେହିପରି ରନରଅପ୍ ଟିମକୁ ସେଇ ୧୦ କୋଟି ମିଳିଥିଲା । ଏହାପରେ ଆଇପିଏଲ୍ ପୁରସ୍କାର ରାଶି ଏକ ଲମ୍ବା ଡିଆଁ ମାରିଥିଲା । ୨୦୧୮ରୁ ୨୦୧୯ ଯାଏଁ ଏହି ରାଶି ୨୦ କୋଟି ହୋଇଥିଲା। ଆଉ ରନରଅପ୍ ଟିମ୍ ପାଇଥିଲେ ୧୨ କୋଟି ୫୦ ଲକ୍ଷ । ୨୦୨୦ ମସିହାରେ ବିଜେତା ଟିମର ପୁରସ୍କାର ରାଶି ୧୦ କୋଟି ଏବଂ ରନରଅପ୍ ଟିମ୍ ପାଇଥିଲେ ୬ କୋଟି ୨୫ ଲକ୍ଷ । ୨୦୨୧ରେ ପୁଣି ବିଜେତା ଟିମକୁ ୨୦ କୋଟି ପୁରସ୍କାର ରାଶି ମିଳିଥିଲା। ଆଉ ୧୨ କୋଟି ୨୦ ଲକ୍ଷ ମିଳିଥିଲା ରନରଅପ୍ ଟିମକୁ । ୨୦୨୨ରୁ ୨୦୨୪ ଯାଏଁ ବିଜେତା ଟିମର ପୁରସ୍କାର ରାଶି ୨୦ କୋଟି ଟଙ୍କା ମିଳିଥିଲା । ସେହିପରି ରନରଅପ୍ ଟିମକୁ ମିଳିଥିଲା ୧୩ କୋଟି ଟଙ୍କା ।ଚଳିତବର୍ଷ ମଧ୍ୟ ସମାନ ରହିବ ପୁରସ୍କାର ରାଶି ।




Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ